ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.195 Bhubaneswar Tuesday, September 21, 2021 | ୨୪ତମ ବର୍ଷ ସଂଖ୍ୟା–୧୯୫ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଗୋଟିଏ ଦିନରେ ୫୧୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୧୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୦୭୫୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୭ ହଜାର ୦୬୬ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୪୯୪ ରହିଛି । ଆଜି ଚିହ୍ନଟ ହୋଇଥିବା ୫୧୦ ଜଣଙ୍କ ମଧ୍ୟରୁ ୨୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୯୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୯ ଜଣ ଓ ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୭୮ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୭ ଜଣ ଓ ଗଂଜାମ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୨୨ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ ଓ କନ୍ଧମାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୭ ଜଣ, କେନ୍ଦୁଝରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୯୭ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ , ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୯, ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୩ ଜଣ ଓ ଷ୍ଟେଟ୍ ପୁଲରୁ ୪୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।




ଭୁବନେଶ୍ୱରଠାରେ ପୂର୍ବତନ କେନ୍ଦ୍ର ମାନବ ସମ୍ବଳ ସଚିବ ଡକ୍ଟର ଅରୁଣ କୁମାର ରଥ,ଆଇ.ଏ.ଏସ୍ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ପବ୍ଲିକ ଆଡ଼ମିନ୍ଷ୍ଟ୍ରେସନ, ଓଡ଼ିଶା ଶାଖା ଅଧକ୍ଷ ନିର୍ବାଚିତ

## ୨୫ ରେ ପୁଣି ଘୂର୍ଣ୍ଣିବଳୟ , ୨୬ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦।୯(ପି.ଏନ): ଆସନ୍ତା ୨୫ ସେପ୍ଟେମ୍ବର ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ତତ-ସଂଲଗ୍ନ ଉତର-ପୂର୍ବ ବଙ୍ଗୋପସାଗର ଅଂଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୪୮ ଘଂଟା ମଧ୍ୟରେ ଏହା ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତିକରି ଓଡିଶା ଉପକୂଳ ପହଂଚିପାରେ। ଏହାର ପ୍ରଭାବରେ ୨୬ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୧ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି। ଏଥିସହିତ ସେପ୍ଟେମ୍ବର ୨୧ରୁ ୨୨ ତାରିଖ ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼,କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର, ସମ୍ବଲପୁର ଓ ଦେବଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉକ୍ତ ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପୁଣିଥରେ ଲଳିତ କଳା ଏକାଡେମୀର ସଭାପତି ହେଲେ ସୁଦର୍ଶନ ପଟ୍ଟନାୟକ

ଭୁବନେଶ୍ୱର, ୨୦।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଶ୍ୱବିଖ୍ୟାତ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ରୂପେ ପୁନଃମନୋନୀତ କରାଯାଇଛି । ବାଲୁକା ଶିଳ୍ପୀ ଶ୍ରୀ ପଟ୍ଟନାୟକ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ରୂପେ ୨୦୧୮ ମସିହାରୁ କାର୍ଯ୍ୟନିର୍ବାହ କରିଆସୁଥିଲେ । ତାଙ୍କର କାର୍ଯ୍ୟକାଳ ସରୁଥିବାରୁ ଆଗାମୀ ୩ ବର୍ଷ ପାଇଁ ତାଙ୍କୁ ଲଳିତ କଳା ଏକାଡେମୀର ସଭାପତି ରୂପେ କାର୍ଯ୍ୟନିର୍ବାହ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଜ୍ୟୋତିପ୍ରକାଶ ମୃତ୍ୟୁ ଘଟଣା : ୫୦ ଲକ୍ଷ କ୍ଷତିପୂରଣ, ଦୋଷୀଙ୍କୁ ଗିରଫ ଦାବିରେ ବିଏମସି ଅଫିସ୍ ଘେରିଲା ବିଜେପି

ଭୁବନେଶ୍ୱର, ୨୦।୯(ପି.ଏନ): ମୁକୁଳା ଡ୍ରେନ୍ ରେ ଭାସିଯାଇ ଦଶମ ଶ୍ରେଣୀ ଛାତ୍ର ଜ୍ୟୋତି ପ୍ରକାଶ ବେହେରା ଓରଫ ରାଜା ମୃତ୍ୟୁବରଣ କରିବା ଘଟଣାରେ ବିଜେପି ପକ୍ଷରୁ ବିଏମସି ଅଫିସ୍ ଘେରାଉ କରାଯାଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ବାବୁସିଂ ଙ୍କ ନେତୃତ୍ୱରେ ଭୁବନେଶ୍ୱର ମହାନଗର ନିଗମ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ଓ ରାସ୍ତାରେ ଧାରଣା ରେ ବସିବା ସହ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ।ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇ ଥିଲା। ପୋଲିସ ଅନେକ କର୍ମୀଙ୍କୁ ଗିରଫ କରିଥିଲା । ଏହି ଅବସରରେ ଜିଲ୍ଲା ସଭାପତି ବାବୁସିଂ ଦାବି କରିଛନ୍ତି ଯେ ଏହି ଘଟଣାରେ ଯେଉଁମାନେ ଦୋଷୀ ସେମାନଙ୍କୁ ଗିରଫ କରିବା ସହ ଜ୍ୟୋତିପ୍ରକାଶ ଙ୍କ ପରିବାରକୁ ପଚାଶ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉ। ସେ ଅଭିଯୋଗ କରିଛନ୍ତି ଯେ ମୁକୁଳା ଡ୍ରେନ୍ ଯୋଗୁ ୨୦୧୯ରେ ସାଲିଆସାହି ଏକାମ୍ରଭିଲ୍ଲା ଛକରେ ଭାସି ଯାଇ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିଲା। ବିଏମ୍‌ସିର ଅବହେଳା କାରଣରୁ ସେତେବେଳେ ଏହି ଅଘଟଣ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ପୁଣି ଥରେ ସମାନ ଘଟଣା ଘଟିଛି। ସ୍ମାର୍ଟ ସିଟିରେ ବାରମ୍ବାର ଏଭଳି ଘଟଣା ଘଟିବା ପ୍ରଶାସନର ପାରିବାପଣିଆକୁ ପୁଣିଥରେ ପଦାରେ ପକାଇଛି । ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମସିକୁ ଏକ ହଜାର କୋଟି ପ୍ରଦାନ କରିଥିଲେ ଡ୍ରେନେଜ୍ ସମସ୍ୟା ସମାଧାନ କରିବାକୁ। ମାତ୍ର ସେଭଳି କିଛି ହେଲାନାହିଁ। ଅପରପକ୍ଷରେ ଏଭଳି ସ୍ପର୍ଶକାତର ଘଟଣାକୁ ବିଜେଡି ନେତା ଦୈବୀଦୁର୍ବିପାକ ବୋଲି କହୁଛନ୍ତି। ଆଉ କେତେ ଜୀବନ ଗଲେ ଭାଙ୍ଗିବ ନିଦ ବୋଲି ପ୍ରଶ୍ନ କରିଛନ୍ତି ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ବାବୁ ସିଂ ।ଏହି ବିକ୍ଷୋଭ ରେ ରାଜ୍ୟ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଉର୍ମିଳା ମହାପାତ୍ର,ରାଜ୍ୟ ମହିଳା ମୋର୍ଚ୍ଚା ର ଉପସଭାପତି କସ୍ତୁରୀ ମିଶ୍ର,ରାଜ୍ୟ ମହିଳା ମୋର୍ଚ୍ଚା ର ଇରାନୀ ରାୟ,ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ମନୋଜ ପଶ୍ଚିମକବାଟ ପ୍ରମୁଖ ଉପସ୍ଥିତ ଥିଲେ। ଗତକାଲି ଟ୍ୟୁସନ୍ ଯାଇ ଫେରିବା ବେଳେ ଖୋଲା ଡ୍ରେନରେ ଖସି ପଡ଼ି ଭାସିଯାଇଥିଲେ ଜ୍ୟୋତିପ୍ରକାଶ । ଆଜି ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଏହି ମାମଲାରେ ଗତକାଲି ଭୁବନେଶ୍ୱର ଜିଲ୍ଲା ବିଜେପି ଭୁବନେଶ୍ୱର ମହାନଗର ନିଗମର କମିଶନର ସଂଜୟ ସିଂ ଙ୍କ ବିରୁଦ୍ଧରେ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ।

## ୨୭ ସେପ୍ଟେମ୍ବର 'ଭାରତ ବନ୍ଦ' କୁ ସିପିଆଇର ସମର୍ଥନ

ଭୁବନେଶ୍ୱର, ୨୦।୯(ପି.ଏନ): ୩କଳା କୃଷି ଆଇନ ବାତିଲ, ବିଦ୍ୟୁତ୍ ସଂଶୋଧନ ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍‌ର ପ୍ରତ୍ୟାହାର ଦାବି ସହିତ ଆକାଶଛୁଆଁ ଦର ବୃଦ୍ଧି, ବ୍ୟାପକ ବେରୋଜଗାରୀ ଓ ଦେଶର ମୂଲ୍ୟବାନ ରାଷ୍ଟ୍ରାୟତ ସମ୍ପତି ବିକ୍ରିର ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ୨୭ ସେପ୍ଟେମ୍ବର 'ଭାରତ ବନ୍ଦ' ଡାକରାକୁ ସିପିଆଇ ସମର୍ଥନ କରିଛି ।ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇ ଭାରତ ବନ୍ଦକୁ ସମର୍ଥନ ସହିତ ଏହି ବନ୍ଦରେ ସିପିଆଇର ସମସ୍ତ ସଭ୍ୟ ସକ୍ରିୟ ଭାବେ ସାମିଲ ହେବେ ବୋଲି ଘୋଷଣା କରାଯିବା ସଙ୍ଗେ ସଙ୍ଗେ ଦଳର ସମସ୍ତ ଜିଲ୍ଲା, ଅଂଚଳ ଓ ଶାଖା କମିଟିମାନଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବରେ ସମଗ୍ର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ବିପ୍ଳାତ ଓ ଜଳବନ୍ଦୀ ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହେବା ସହିତ କଚାଘରମାନ ଭାଙ୍ଗିଯାଇଥିବାରୁ ୭ଦିନ ମଧ୍ୟରେ ଏହାର ସର୍ଭେ କରି ଫସଲ ନଷ୍ଟ ପାଇଁ ଏକର ପିଛା ୨୦ ହଜାର ଟଙ୍କା କ୍ଷତି ପୂରଣ, ୩୦ ହଜାର ଲେଖାଏଁ ଘରଭଙ୍ଗା ସାହାଯ୍ୟ ପ୍ରଦାନ ସଙ୍ଗେ ସଙ୍ଗେ କୃଷିଋଣ ଓ ସ୍ୱୟଂ ସହାୟିକା ଗ୍ରୁପମାନଙ୍କ ଋଣକୁ ଛାଡ଼ କରିବା ପାଇଁ ଦାବି କରାଯାଇଛି ।ରାଜ୍ୟ ସମ୍ପାଦକମଣ୍ଡଳୀର ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ଅଶୋକ ଦାଶ ଓ ପ୍ରଶାନ୍ତ ପାଟ୍ଟଯୋଷୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## ଭୁବନେଶ୍ୱରରେ ପାଣି ସୁଅରେ ଭାସିଯାଇଥିବା ଛାତ୍ରଙ୍କର ମୃତଦେହ ମିଳିଲା



ଭୁବନେଶ୍ୱର, ୨୦।୯(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ପାଣି ସୁଅରେ ଭାସି ଯାଇଥିବା ଦଶମ ଶ୍ରେଣୀର ଛାତ୍ରଙ୍କର ମୃତଦେହ ସୋମବାର ସକାଳେ ମିଳିଛି । ସେ ଜ୍ୟୋତିପ୍ରକାଶ ବେହେରା ଓରଫ୍ ରାଜା ବୋଲି ତାଙ୍କର ପରିବାର ବର୍ଗ ଚିହ୍ନଟ କରିଥିବା ଜଣାଯାଇଛି ।ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଶିରିପୁର ଶତାବ୍ଦୀ ନଗର ବ୍ୟାଙ୍କ କଲୋନିର ଦଶମ ଶ୍ରେଣୀର ଛାତ୍ର ଜ୍ୟୋତିପ୍ରକାଶ ଗତ କାଲି ମୁକୁଳା ଡ୍ରେନରେ ଭାସିଯାଇ ସେ ନିଖୋଜ ଥିଲେ। । ପ୍ରବଳ ବର୍ଷା ପରେ ଡ୍ରେନରେ ଚାଲିଥିବା ପାଣି ସୁଅରେ ପଡ଼ିଯିବାରୁ ଭାସି ଯାଇଥିଲେ । ସୂଚନାଯୋଗ୍ୟ, ୧୯ ଘଂଟାର ଅପରେସନ ପରେ ପଂଚସଖା ନଗର ମୁଖ୍ୟ ଡ୍ରେନ୍ ନିକଟ ବୁଦା ଭିତରୁ ମୃତଦେହକୁ ଉଦ୍ଧାର କରାଯାଇଛି। ଏହାପରେ ପୋଷ୍ଟମର୍ଟମ ପାଇଁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲକୁ ନିଆଯାଇଛି। ସେଠାରୁ ମୃତଦେହକୁ ଜ୍ୟୋତିଙ୍କ ଘରକୁ ନିଆଯିବାପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗତକାଲି ଦଶମ ଶ୍ରେଣୀର ଛାତ୍ର ଜ୍ୟୋତିପ୍ରକାଶ ଟିଉସନ୍ ଯିବା ବେଳେ ମୁକୁଳା ଡ୍ରେନରେ ଭାସିଯାଇ ନିଖୋଜ ଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବାହିନୀ ସହ ସ୍ଥାନୀୟ ଲୋକମାନେ ମଧ୍ୟ ଉଦ୍ୟମ ଜାରୀ ରଖିଥିଲେ। ତେବେ ରାତି ସୁଦ୍ଧା ତାଙ୍କର କୌଣସି ପତା ନମିଳିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିଲା। ସୋମବାର ସକାଳେ ପୁଣି ଖୋଜାଖୋଜି କରିବା ପରେ ପଂଚସଖା ନଗର ମୁଖ୍ୟ ଡ୍ରେନ୍ ନିକଟ ବୁଦା ଭିତରୁ ମୃତଦେହକୁ ଉଦ୍ଧାର କରାଯାଇଥିଲା। ୩୪ ଜଣ ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ।

## ବିଏମସି ଓ ସ୍ୱେରେଜ ବୋର୍ଡ ବିରୁଦ୍ଧରେ ଏତଲା ଦେଲା କଂଗ୍ରେସ

ଭୁବନେଶ୍ୱର, ୨୦।୯(ପି.ଏନ): ଗତକାଲି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶତାବ୍ଦୀ ନଗର, ଲେନ ନଂ – ୭ ମଧ୍ୟରେ ଏକ ଖୋଲା ଡ୍ରେନରେ ଜଣେ ୧୫ ବର୍ଷୀୟ ବାଳକ ଭାସିଯିବା ଓ ଆଜି ତାର ମୃତଦେହ ମିଳିବା ଘଟଣା ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଡିସିପିଙ୍କୁ ଭେଟି ଭୁବନେଶ୍ୱର ମହାନଗର ନିଗମ ଓ ସ୍ୱେରେଜ ବୋର୍ଡ ବିରୁଦ୍ଧରେ ଏତଲା ଦେଇଛନ୍ତି ।ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ କହିଛନ୍ତି ଭୁବନେଶ୍ୱରକୁ ଗତ ୫–୬ ବର୍ଷ ହେବ ସ୍ମାର୍ଟ ସିଟି ଘୋଷଣା କରାଯାଇଛି। ଏଥିପାଇଁ ଭୁବନେଶ୍ୱର ସହର ପୁରସ୍କୃତ ମଧ୍ୟ ହୋଇଛି। କିନ୍ତୁ ଏଠି ସ୍ମାର୍ଟସିଟି ନାଁରେ ବିଭିନ୍ନ ସରକାରୀ ସଂସ୍ଥା ନିମ୍ନମାନର କାମ କରି ଅସାଧୁ ଉପାୟରେ ଅର୍ଥ ରୋଜଗାର କରୁଛନ୍ତି। ଛୋଟ ପିଲା କି ଲୋକ ପାଣି ସ୍ରୋତରେ ଡ୍ରେନରେ ଭାସିଯାଇ ପ୍ରାଣ ହରାଇବା କିଛି ନୂଆ ଘଟଣା ନୁହେଁ। ଏଥିପୂର୍ବରୁ ଗତ ୬ବର୍ଷ ଭିତରେ ସମାନ ପ୍ରକାର ବହୁ ଘଟଣା ଘଟିସାରିଛି। କିନ୍ତୁ ସର୍ବୋପରି ମହାନଗର ନିଗମ ଓ ସ୍ୱେରେଜ ବୋର୍ଡ ଚୁପ ବସିଛି। ଜିଲ୍ଲା କଂଗ୍ରେସ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅସମ୍ପୂର୍ଣ୍ଣ ଓ ଖୋଲା ଡ୍ରେନର ତୁରନ୍ତ ମରାମତି ନକଲେ ପରିସ୍ଥିତି ଭୟାବହ ହେବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି। ସେହିପରି ବରିଷ୍ଠ ଆଇନଜିବୀ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ଡିସିପିଙ୍କ ସହ ଆଲୋଚନା ବେଳେ କହିଥିଲେ ସ୍ମାର୍ଟସିଟି ନର୍ମ ଅନୁଯାୟୀ ସମସ୍ତ ଡ୍ରେନ କଭର ହେବା ଦରକାର କିନ୍ତୁ ଭୁବନେଶ୍ୱର ସହରରେ ୫୦% ରୁ ଅଧିକ ଡ୍ରେନ ଖୋଲା ପଡ଼ିଛି ଓ କିଛି ଅସପୂର୍ଣ୍ଣ ହୋଇ ରହିଛି। ପୋଲିସ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଏହି ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସ ସଂପାଦକ ସୁବ୍ରତ ମହାପାତ୍ରଙ୍କ ସମେତ ଶ୍ରୀମତୀ ରଶ୍ମି ମହାପାତ୍ର, ଅଶୋକ ଦାସ, ଜୟକୃଷ୍ଣ ସୁବୁଦ୍ଧି, ସେକ୍ ଆଫତାବ ଅଲ୍ଲୀ, ସଂଜୀବ ମହାନ୍ତି, ଦେବରାଜ ମିଶ୍ର, ଶ୍ରୀଧର ବଳିଆରସିଂ, କୁସୁମ ପ୍ରଧାନ, ଶୁଭଦ୍ରା ମିଶ୍ର, ମନୋଜ ସାହୁ, ସୁବ୍ରତ ସେନାପତି, ଶୁଭ୍ରଜ୍ୟୋତି ଲେଙ୍କା, ସେକ ନିୟାଜୁଲ ଇସଲାମ ଓ ଦେବଦତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

MAHARISHI PUBLIC SCHOOL



2021-2022
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ । ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା । ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି । ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା । ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି । ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି । ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି । ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି । ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି । ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି ।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୂଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।



# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।



## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଞ୍ଚାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଓଡ଼ିଶାରେ ଅଙ୍ଗଦାନ ଆନ୍ଦୋଳନ

ଭୁବନେଶ୍ୱର (ପିଏନ୍): ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ। ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି। ଆମ ଦେଶରେ ଯକୃତ, ବୃକକ୍, ହୃଦୟ ଓ ଅଗ୍ନ୍ୟାଶୟ ପ୍ରତିରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାର - ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃଦୟ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ ଓ ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ଯକୃତ ଓ ବୃକକ୍। ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ। ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଚିକିତ୍ସକମାନେ ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ। ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ। ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ। ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ। ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ। ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଥାଏ। ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ। କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ। ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ। ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ। ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ। ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ। ଓଡ଼ିଶାରେ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଅନେକ ଗୁରୁତର ଓ ମୂର୍ମୁଷୁ ରୋଗୀ ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି। ଅନେକ କ୍ଷେତ୍ରରେ ସେମାନଙ୍କର ପରିବାର ବର୍ଗ ଅଙ୍ଗଦାନ ପାଇଁ ଇଚ୍ଛୁକ ଥିଲେ ମଧ ଜଟିଳ ଆଇନଗତ ବ୍ୟବସ୍ଥା ଯୋଗୁଁ ଅଙ୍ଗଦାନ କରିପାରନ୍ତି ନାହିଁ। ଓଡ଼ିଶାରେ କାଡ଼ାଭରିକ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ଯୋଜନା ରହିଥିଲେ ବି ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ ଯଦିଓ ପାଞ୍ଚ ବର୍ଷ ତଳୁ ଏ ନେଇ ମାନସ ମନ୍ଥନ ଚାଲିଛି। ଭାରତର ଅନ୍ୟ ପ୍ରଦେଶ ତଥା ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ତାମିଲନାଡ଼ୁ, କେରଳ, ତେଲେଙ୍ଗାନା, ଗୁଜୁରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟରେ ସୁବିଧା ଓ ସଫଳତାର ସହିତ କାଡ଼ାଭରିକ ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟ ଚାଲୁଛି। ତାମିଲନାଡ଼ୁ ଏ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସଦୃଶ। ଏହା ସମଗ୍ର ଦେଶରେ ଏ କ୍ଷେତ୍ରରେ ଆଗୁଆ ରାଜ୍ୟ ଭାବରେ ବର୍ତ୍ତମାନ ସର୍ବଶେଷ ପରିସଂଖ୍ୟାନ ଅନୁଯାୟୀ ୧୦୫୬ଜଣ ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଠାରୁ ୫୯୩୩ଟି ଅଙ୍ଗ କଢ଼ାଯାଇ ଅନ୍ୟ ରୋଗୀଙ୍କ କ୍ଷେତ୍ରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଛି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ବିଗତ ୨୦୧୬ରେ ତାମିଲନାଡୁରେ ୧୮୦ଜଣ ଅଙ୍ଗଦାତାଙ୍କ ଠାରୁ ୬୪୮ଟି ଅଙ୍ଗ ସଂଗ୍ରହ କରାଯାଇ ଅନ୍ୟ ରୋଗୀ ମାନଙ୍କ କ୍ଷେତ୍ରରେ ଲଗାଯାଇଛି। ୧୮୦ଜଣ ଅଙ୍ଗଦାତାଙ୍କଠାରୁ ୧୬୯ଟି ଲିଭର, ୩୪୦ଟି କିଡ଼ନୀ, ୫୦ଟି ଲଙ୍ଗସ୍, ୭୯ଟି ହୃତ୍‌ପିଣ୍ଡ ଓ ୧୦ଟି ଅଗ୍ନ୍ୟାଶୟ କଢ଼ାଯାଇଛି। ସେହିପରି ଭାରତର ଅର୍ଥନୀତି କ୍ଷେତ୍ରରେ ବେଶ ପ୍ରଭାବ ରଖିଥିବା ମହାରାଷ୍ଟ୍ରରେ ୧୩୨ଜଣ ଅଙ୍ଗଦାତାଙ୍କ ଠାରୁ ୧୨୬ଟି ଲିଭର, ୨୦୪ଟି କିଡ଼ନୀ, ୪୭ଟି ହୃତପିଣ୍ଡ, ଗୋଟିଏ ଅଗ୍ନ୍ୟାଶୟ ଓ ଗୋଟିଏ ଲଙ୍ଗସ୍ ସଂଗ୍ରହ କରାଯାଇ ଆବଶ୍ୟକତା ଥିବା ରୋଗୀ ମାନଙ୍କ କ୍ଷେତ୍ରରେ ପ୍ରତିରୋପଣ କରାଯାଇଛି। ତେଲେଙ୍ଗାନା ପରି ଏକ କ୍ଷୁଦ୍ର ଓ ନବଗଠିତ ରାଜ୍ୟରେ ଏହି କାଡ଼ାଭରିକ୍ ଟ୍ରାନ୍ସପ୍ଲାଣ୍ଟ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ନିଶ୍ଚୟ। ଏହି ରାଜ୍ୟରେ ୧୦୬ଜଣ ଅଙ୍ଗଦାତାଙ୍କ ଠାରୁ ୧୦୦ଟି ଲିଭର, ୧୮୨ଟି କିଡ଼ନୀ, ୧୫ଟି ହୃତ୍‌ପିଣ୍ଡ, ୪ଟି ଅଗ୍ନ୍ୟାଶୟ ଓ ୨ଟି ଲଙ୍ଗସ୍ କଢ଼ାଯାଇ ମୁର୍ମୁଷୁ ରୋଗୀ ମାନଙ୍କ ଠାରେ ପ୍ରତିରୋପଣ କରାଯାଇଛି। ମହାରାଷ୍ଟ୍ର, ତାମିଲନାଡୁ ପ୍ରମୁଖ ରାଜ୍ୟ ମାନଙ୍କରେ କାଡ଼ାଭରିକ ଟ୍ରାନ୍ସପ୍ଲାଣ୍ଟ ପ୍ରକ୍ରିୟା ଆଗେଇ ଚାଲିଛି। ନିୟମ ଅନୁଯାୟୀ ନିଜ ସମ୍ପର୍କୀୟଙ୍କଠାରୁ ଅଙ୍ଗ ସଂଗ୍ରହ କରାଯାଇ ସଂପୃକ୍ତ ରୋଗୀଙ୍କୁ ପ୍ରତିରୋପଣ କରିବା ପାଇଁ ଦୀର୍ଘଦିନ ଧରି ପ୍ରତୀକ୍ଷାରେ ରହିବାକୁ ପଡୁଛି। ସବୁଠୁ ଉଦ୍‌ବେଗଜନକ ଘଟଣା ହେଉଛି ଯେ କାଡ଼ାଭରିକ୍ ଟ୍ରାନ୍ସପ୍ଲାଣ୍ଟ କ୍ଷେତ୍ରରେ ଆଇନଗତ ଦ୍ୱନ୍ଦ ରହୁଥିବାରୁ ଅଙ୍ଗ ସଂଗ୍ରହରେ ବିଳମ୍ବିତ କାରଣ ଯୋଗୁଁ ଅକାଳରେ ରୋଗୀଟିର ଜୀବନ ଚାଲିଯାଏ। ଓଡ଼ିଶାରେ ୨୦୧୫ରେ କାଡ଼ାଭରିକ ଟ୍ରାନ୍ସପ୍ଲାଣ୍ଟ ବ୍ୟବସ୍ଥା ଅତ୍ୟାଧୁନିକ ଆବଶ୍ୟକୀୟ ଉପକରଣ ସହ ଆରମ୍ଭ ହୋଇଛି ବୋଲି ଚିକିତ୍ସକମାନେ ମତବ୍ୟକ୍ତ କରିଥିଲେ। ଅତ୍ୟନ୍ତ ଜଟିଳ ଓ ମୁମୂର୍ଷୁରେ ଥିବା ରୋଗୀମାନେ ଆଇସିୟୁ ରହଣି ସମୟରେ ବ୍ରେନ୍ ଡେଡ୍ ହୋଇଗଲେ ପରିବାର ଲୋକଙ୍କ ଅନୁମତି ନିଆଯାଇ ରୋଗୀଟିର ଲିଭର, କିଡ଼ନୀ, ଲଙ୍ଗସ୍, କର୍ଣ୍ଣିଆ ଓ ପାନକ୍ରିଆଜ ପ୍ରଭୃତି ସଂଗ୍ରହ କରାଯାଇ ଅନ୍ୟଜଣଙ୍କ ଠାରେ ପ୍ରତିରୋପଣ କରାଯାଏ। ସ୍ୱାସ୍ଥ୍ୟ ବିଭାଗର ଯୋଜନା ଓ ବ୍ୟବସ୍ଥା ଅନୁଯାୟୀ ପାଞ୍ଚଟି ଉନ୍ନତମାନର ଆଇସିୟୁ ବେଡ୍ ଥିବା ସରକାରୀ ହସ୍ପିଟାଲ ଓ ଘରୋଇ ହସ୍ପିଟାଲ ଗୁଡ଼ିକୁ ହାର୍ଭେଷ୍ଟିଂ ସେଣ୍ଟର ଭାବେ ଘୋଷଣା କରାଯିବ। କେବଳ ସେତିକିନୁହେଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏହାର ନୋଡାଲ କେନ୍ଦ୍ର ଗଠନ ହେବ ବୋଲି ଘୋଷିତ ହୋଇଛି। ଏହି କେନ୍ଦ୍ରରେ ବେନ୍ ଡେଡ୍ ହୋଇଥିବା ରୋଗୀମାନଙ୍କ ଠାରୁ ଅଙ୍ଗ ସଂଗ୍ରହ କରାଯାଇ ଅନ୍ୟ ରୋଗୀ ମାନଙ୍କ ଠାରେ ପ୍ରତିରୋପଣ ନିମିତ୍ତ ସିଦ୍ଧାନ୍ତ ନିଆଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଅଙ୍ଗଦାନ କାର୍ଯ୍ୟକ୍ରମକୁ ଲୋକ ମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଦେବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ଗଣମାଧ୍ୟମରେ ସୂଚନା ତଥ୍ୟ ଦେବା ସହ ଇଲେକ୍ଟ୍ରୋନ୍ଇକ ମିଡ଼ିଆରେ ସରକାରୀ ବ୍ୟବସ୍ଥିତ ସଚେତନଧର୍ମୀ, ଆଲୋଚନା ଓ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଓଡ଼ିଶାରେ ଅଙ୍ଗଦାନ ଆନ୍ଦୋଳନକୁ ସକ୍ରିୟ କରିବା ସହ ସମସ୍ତଙ୍କ ପାଖରେ ଏହି ସେବାମୂଳକ ସମ୍ପନ୍ନ ବାର୍ତ୍ତା ପହଞ୍ଚାଇବା ପାଇଁ ଓଡ଼ିଶାରେ ଅନେକ ବେସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ନିୟମିତ ସମୟରେ କାର୍ଯ୍ୟକ୍ରମକୁ ହାତକୁ ନେଉଛନ୍ତି। କେବଳ ସେତିକିନୁହେଁ କିଛି ମାସ ତଳେ ଭାରତର ପ୍ରଧାନମନ୍ତ୍ରୀ ତାଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଅଙ୍ଗଦାନ ଆନ୍ଦୋଳନ ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ।

# ନାମକୁ ସ୍ମରଣ କର !



କଳିଯୁଗରେ ନାମ ହିଁ ଶ୍ରେଷ୍ଠ। ନାମକୁ ଓଲଟାଇ ଉଚ୍ଚାରଣ କଲେ, ତାହା ହୁଏ ମନା। ଅର୍ଥାତ୍ ପ୍ରତ୍ୟେକ ସମୟରେ ନାମ ସ୍ମରଣ କରିବାକୁ କେବେ ବି ହେଳା କରନି କିମ୍ବା ମନା କରନି। ଯିଏ ଶ୍ରଦ୍ଧାରେ ହେଉ କିମ୍ବା ବିରକ୍ତିରେ ହେଉ, ଯେଉଁମାନେ ମୋ ନାମକୁ ଶ୍ରଦ୍ଧା କରିଥାନ୍ତି, ସେହି ମାନଙ୍କର ନାମ ମୋ ହୃଦୟରେ ଅଙ୍କିତ ହୋଇଥାଏ। ଯାହା ଭାଗବତରେ ଅତିବଡ଼ି ଜଗନ୍ନାଥ ଦାସ ନାମର ମହାତ୍ମ୍ୟ ସଂପର୍କରେ ଲେଖିଛନ୍ତି, 'ଏ କଳିଯୁଗେ ଏକାସାର ଭଜରେ ଶ୍ରୀକୃଷ୍ଣ ପୟର, ଏ ବିନା ଅନ୍ୟ ଗତି ନାହିଁ, ଭଜ ସୁମନେ ମନ ଦେଇ। ଯେ ନାମ କିର୍ତ୍ତନ କରେ, ସେ ପ୍ରହ୍ଲାଦ ସ୍ୱରୂପ ହୋଇଥାଏ।'

ଅଷ୍ଟମ ଶତାବ୍ଦୀରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ନାନକ, ଶ୍ରୀ ଚୈତନ୍ୟ, ସନ୍ଥ ତୁଳସୀ ଦାସ, ମୀରାବାଇ, ବିଶ୍ୱଗୁରୁ ବାୟାବାବା, ନାମାଚାର୍ଯ୍ୟ ବାୟା, ନାମ ପ୍ରେମୀ ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ପରି ମହାପୁରୁଷ ମାନେ ନାମର ପ୍ରଶସ୍ତି ଗାନ ଓ ମହିମା ପ୍ରଚାର କରିଛନ୍ତି। ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଦର୍ଶନ ଆଧାରିତ ଲେଖନୀରୁ ଆଦୃତ ହୋଇ ପାରିଛି ମଧୁ ଭାଗବତ। ଏହି ପୁସ୍ତକର ଷଷ୍ଠ ଅଧ୍ୟାୟରେ ନାମର ମହିମା ସଂପର୍କରେ ବର୍ଣ୍ଣନା କରାଯାଇଛି। କଳିଯୁଗରେ ରାଧା-କୃଷ୍ଣ ତନୁରେ ଅବତରୀ ପ୍ରେମଘନ ଶ୍ରୀ ଗୌରାଙ୍ଗ ନାମେ ରୁଚି, ଜୀବେ ଦୟା, ବୈଷ୍ଣବ ସେବନ ଏହି ତିନୋଟି ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ। ବିଶ୍ୱଗୁରୁ ବାୟାବାବା ଆଗତ ବାଣୀ ଉଣାଇ କହିଥିଲେ, 'ସମସ୍ତେ ଏକତା ଭାବେ ମିଳି ମହାବିପତ୍ତି ନାସନ ନାମ "ଶ୍ରୀ ମଧୁସୁଦନ" ଚିନ୍ତି ଯଜ୍ଞାନୁଷ୍ଠାନ କଲେ, ମହା ବିତ୍ତିରୁ ନିଶ୍ଚୟ ରକ୍ଷା ପାଇବ। ପ୍ରେମାଚାର୍ଯ୍ୟ ବାବା ମଧୁସୁଦନ ଜନତା ଜନାର୍ଦ୍ଦନଙ୍କୁ ଆହ୍ୱାନ କରି କହିଲେ, "ଏ ଭବ ବ୍ୟାଧିର ଏକମାତ୍ର ଆରୋଗ୍ୟ ନିଦାନ ନାମପାଥୀ।"

ନାମଧନ ଠାରୁ ଶ୍ରେଷ୍ଠ ଧନ ଏ ଜଗତରେ କିଛି ନାହିଁ। ନାମ ସ୍ମରଣ କର, ତୀର୍ଥ, ବ୍ରତ, ତପସ୍ୟା, ଦାନ-ପୂଣ୍ୟ ସବୁ ନାମରେ ଅଛି। ବିଶ୍ୱାସେ ମିଳଇ ତର୍କେ ବହୁଦୂର। ବିଶ୍ୱର ମଙ୍ଗଳ ନିମିତ୍ତ ମହା ବିପତ୍ତି ନାସନ ନାମ, "ଓଁ" କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ। ୧୯୮୦ ମସିହା ପବିତ୍ର ଅନନ୍ତ ବ୍ରତ ତିଥିରେ ସ୍ଥାପନ କରିଥିଲେ, ପ୍ରେମାଚାର୍ଯ୍ୟ ବାବା ମଧୁସୁଦନ ପୁରୀ ଜିଲ୍ଲା ନୟାହାଟ ସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ। ଯାହା ଆଜିକୁ ୪୧ ବର୍ଷରେ ପଦାର୍ପଣ କରୁଛି। ଏ ସ୍ୱତନ୍ତ୍ର ମହାମାନବ ମନ୍ଦିରରେ ଚାଲୁ ରହିଛି ଅଖଣ୍ଡ ନାମ କିର୍ତ୍ତନ। ଜନସାଧାରଣଙ୍କ ଶିକ୍ଷଣୀୟ ପାଇଁ ଭିନ୍ନ ଭିନ୍ନ ମହାପୁରୁଷଙ୍କ ମହତ୍ ବାଣୀ ସ୍ଥାନ ପାଇଛି। ଏହି ଷୋଡ଼ ସାକ୍ଷର ନାମର ତାତ୍ତ୍ୱିକ ହେଲା ସର୍ବ ଶାସ୍ତ୍ର ଅନୁମୋଦିତ ଶ୍ରେଷ୍ଠ, "ଓଁ" "ଓଁ" ନାମ ହିଁ ଅକ୍ଷର ବ୍ରହ୍ମ ଅଟେ।

"ଓଁ" ସର୍ବାତ୍ମକ ସର୍ବମୟ ସର୍ବାତୀତ। ଏହା ସଗୁଣ ଓ ନିର୍ଗୁଣ ଅଟେ। ସବୁଧର୍ମର ମୌଳିକ ସତ୍ୟ ଏକ ଅଟେ। କେବଳ ଉପାସନା ଭିନ୍ନ। ସଂସାରରେ ସେହି ସିନା ପ୍ରେମୀ ଭକ୍ତ, ଦୁଃଖ ଦେଖି ଯାହାର ଆଖିରୁ ଲୁହ ଝରିପଡ଼େ। ହେ ଭକ୍ତ ପ୍ରେମୀ ଅତୀତ ପାଇଁ ଚିନ୍ତା ନକରି ବର୍ତ୍ତମାନ ସମୟର ସଦୁପଯୋଗ କରିବା ସହିତ ମହାପୁରୁଷଙ୍କ ଦର୍ଶନ ଓ ଚାଲୁ ରହିଥିବା ମହା ବିପତ୍ତି ନାସନ ନାମ "ଓଁ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ।"ରେ ସାମିଲ ହୁଅନ୍ତୁ। ବିଶ୍ୱରୁ ମହାମାରୀ କରୋନା ଲୋପ ହେଉ, ଆଜିର ନାମର ଜନ୍ମ ଦିନରେ ପ୍ରାର୍ଥନା।

**ପ୍ରିତିରଂଜନ ଦାସ**
**କଟକ, ମୋ: ୯୪୩୭୨୭୪୪୮୮**

# ଲଘୁଚାପଜନିତ ଲଗାଣ ବର୍ଷାରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟର ହାତ ବଢାଇଲା 'କୋଣାର୍କ ପରିବାର'



କୋଣାର୍କ (ପିଏନ୍): କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଲଘୁଚାପ ଜନିତ ଲଗାଣ ବର୍ଷାଜଳ ଘେରରେ ଥିବା ବିପନ୍ନ ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି । ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଏବେ ଲୋକଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି । ପୁରୀ ଜିଲାର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର ଅନେକ ପଞ୍ଚାୟତ ଏବେ ବି ପାଣି ଘେରରେ ରହିଛି । ଖାଲୁଆ ଅଞ୍ଚଳର ବସବାସ କରୁଥିବା ଥିବା ଲୋକଙ୍କ ଘରେ ପାଣି ପସିଯାଇଥିବା ବେଳେ ଚାଳଛପର ଘର, କଚା ଘର, ମାଟି କାନ୍ଥ ଘର ଭାଙ୍ଗିପଡିଛି । ଲୋକଙ୍କ ଘରେ ପାଣି ପସିଯାଇଥିବାରୁ ସେମାନେ ଭୋକ ଉପାସରେ ରହିବା ସହ ଘରେ ଶୋଇ ପାରୁ ନାହାଁନ୍ତି । ଅନେକ ଲୋକଙ୍କ ଚାଳ ଛପର ଓ ମାଟି କାନ୍ଥ ଘର ଭୁଷୁଡି ଯାଇଥିବାରୁ ସେମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇ ସ୍କୁଲ ଘର ଓ ବାତ୍ୟା ଆଶ୍ରୟ ସ୍ଥଳିରେ ଆଶ୍ରୟ ନେଇଛନ୍ତି । ଲୋକଙ୍କର ଏପରି ଦୁର୍ଦ୍ଦଶା ଦେଖି 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ରଙ୍କ ନେତୃତ୍ୱରେ ସାମ୍ବାଦିକ ଅଜିତ କୁମାର ମଲ୍ଲିକ, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, ସତ୍ୟଜିତ ସାହୁ, ବିଶାଲ ନାୟକ, ସାଇ ଆୟୁସ ବେହେରା, ରାଜେଶ ନାୟକ, ରାଜେନ୍ଦ୍ର ମଲ୍ଲିକ, ସାଗର ଜେନା, ପ୍ରତାପ ଜେନା, ହାପି ସାହୁ ଓ ସ୍ୱେଚ୍ଛାସେବୀ ବୈଶାଖୀ ସେଠୀ ପ୍ରମୁଖ ଯୋଗ ଦେଇ କାକଟପୁର ବ୍ଲକ ଅନ୍ତର୍ଗତ ବୌଲାଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୁଖିଲା ଖାଦ୍ୟ କିଟ୍ ବଣ୍ଟନ କରିଥିଲେ । ପ୍ରଶାସନ ପକ୍ଷରୁ ବିପନ୍ନ ଲୋକଙ୍କୁ ଏଯାବତ କୌଣସି ସହାୟତା ଯୋଗାଇ ଦିଆଯାଇ ନଥିବା ବେଳେ 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀମାନେ ନିଜ ଜୀବନକୁ ବିପନ୍ନ କରି ପାଣି ଘେରରେ ଥିବା ଲୋକଙ୍କ ଘରକୁ ଯାଇ ଚୁଡା, ଚିନି, ବିସ୍କୁଟ, ଦିଆସିଲ, ମହମବତୀ, ମଶାଧୂପ ଇତ୍ୟାଦିର ଏକ ଶୁଖିଲା ଖାଦ୍ୟ ପୁଡିଆ ଯୋଗାଇ ଦେଇଥିଲେ । ସ୍ୱେଚ୍ଛାସେବୀମାନଙ୍କର ଏହି ମହନୀୟ କାର୍ଯ୍ୟକୁ ଦେଖି ପାଣି ଘେରରେ ଥିବା ବିପନ୍ନ ଲୋକେ ଭୂରୀୟଶି ପ୍ରଶଂସା କରିଥିଲେ । ଏହି ସ୍ୱେଚ୍ଛାସେବୀମାନେ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଅଟନ୍ତି । ସେମାନଙ୍କ ପକେଟ ଖର୍ଚ୍ଚ ପାଇଁ ଘରୁ ମିଳୁଥିବା ଅର୍ଥକୁ କାଟି ସମାଜର କଲ୍ୟାଲ୍ୟଣ ନିମନ୍ତେ ମନନିବେଶ କରିଥିବାରୁ ଏମାନଙ୍କୁ ସବୁ ମହଲରୁ ସାଧୁବାଦ ମିଳିବାରେ ଲାଗିଛି

# ଜମି ମାଲିକାନା କୃଷକ ହାତକୁ ଯାଉ

ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ ଗ୍ରାମାଞ୍ଚଳରେ ବାସ କରନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ ଗତ ୪-୫ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନିବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ଦୁଇବର୍ଷ ପରେ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି, ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହେଉ ଋଣ କରିବାକୁ ବାଧ ହୁଅନ୍ତି ଅଧିକ ଅମଳ କରିବା ପାଇଁ। ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହୋଇଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା' ସହିତ ଚାଷୀମାନଙ୍କର ସମସ୍ୟା ମଧ କେତେକାଂଶରେ ସମାଧାନ ହୋଇଥିବ। କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶାର ୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉଣ୍ଡାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବ ନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ, ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାରର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ ସହଜ ହେଉନାହିଁ। ଜଳସଚେନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନ ରହେ, ତେବେ କୃଷି ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହୋଇପାରିବ ନାହିଁ।

## ମନୋରମା ମହାପାତ୍ରଙ୍କ ମୃତ୍ୟୁରେ ଶିବାଜୀ ପଟ୍ଟନାୟକଙ୍କ ଶୋକ ପ୍ରକାଶ



ଭୁବନେଶ୍ୱର (ପିଏନ୍): ସ୍ୱନାମଧନ୍ୟା ସାରସତ୍ୱ ସାଧିକା, ସାଂସ୍କୃତିକ ଏବଂ ବୌଦ୍ଧିକ ଜଗତର ଜଣେ ଉଜ୍ଜ୍ୱଳ ପ୍ରତିଭା, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଅଧ୍ୟକ୍ଷା, 'ସମାଜ' ର ପୂର୍ବତନ ସମ୍ପାଦିକା, ଅଧ୍ୟାପିକା ମନୋରମା ମହାପାତ୍ରଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଉଛି । ଶୋକସନ୍ତପ୍ତ ପରିବାର ପ୍ରତି ଆନ୍ତରିକ ସମବେଦନା ଜ୍ଞାପନ କରୁଛି । ମନୋରମାଙ୍କ ମୃତ୍ୟୁରେ ମୁଁ ଗଭୀର ଭାବେ ମର୍ମାହତ । ତାଙ୍କର ମୃତ୍ୟୁ ଓଡିଶାର ସାହିତ୍ୟ, ସଂସ୍କୃତି ଏବଂ ବୈଦ୍ଧିକ ଜଗତ ପାଇଁ ଅପୂରଣୀୟ କ୍ଷତି । ସେ ଥିଲେ ସାମ୍ବାଦିକ ଗୌରବ ପଦ୍ମଶ୍ରୀ ରାଧାନାଥ ରଥଙ୍କ ପ୍ରକୃତ ଦାୟାଦ । ସେ ଏକାଧାରରେ ଜଣେ ବାଗ୍ମୀ, କବୟତ୍ରି ଏବଂ ଲେଖିକା ଇତ୍ୟାଦି ବହୁ ଗୁଣର ଅଧିକାରୀ ଭାବେ ମନୋରମା ମହାପାତ୍ର ଓଡିଶାର ଜନ ମାନସରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ । ତାଙ୍କର ଅମ୍ଳାନ୍ ସ୍ମୃତି ପ୍ରତି ପୁଣି ଶ୍ରଦ୍ଧା ନିବେଦନ କରୁଛି ।

## ବନ୍ୟା ଘେରର ଭୋଗରାଇର ୫୦ ଗାଁ

ବାଲେଶ୍ୱର (ପିଏନ୍)-ଲଘୁଚାପ ଜନିତ ବର୍ଷା ପ୍ରଭାବରେ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ଜଳ ପ୍ରଭାବିତ ହୋଇ ଏବେ ତଳିଆ ଅଞ୍ଚଳରେ ବନ୍ୟା ଦେଖା ଦେଇଛି। ଚାନ୍ଦିନ ବ୍ୟାରେଜରୁ ବର୍ଷା ଜଳ ଛଡ଼ାଯାଇଥିବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦେଖା ଦେଇଛି। ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଥିବା ବେଳେ ଏବେ ବନ୍ୟା ପାଣି ବିପଦ ସୃଷ୍ଟି କରିଛି। ବର୍ଷା ପାଣି ତଳିଆ ଅଞ୍ଚଳ ଭୋଗରାଇ ବ୍ଲକର ଦଶଟି ପଞ୍ଚାୟତର ୫୦ଟି ଗାଁ ବନ୍ୟା ପାଣି ଘେରରେ ରହିଛି। ଭୋଗରାଇ ଲକ୍ ପାଖରୁ ରସୁଲପୁର ମୁଖ୍ୟ ରାସ୍ତା ଜଳମଗ୍ନ ରହିଛି। ରାସ୍ତା ଉପରେ ୫ ଫୁଟ ଉପରେ ପାଣି ପ୍ରବାହିତ ହେଉଛି। ଲୋକେ ଯାତାୟତ ପାଣି ଡଙ୍ଗାର ସାହାରା ନେଉଛନ୍ତି। ଧାନ ଗଛ ବୁଡ଼ି ନଷ୍ଟ ହେବାକୁ ବସିଛି। ପୂର୍ବରୁ ବର୍ଷଣ ପାଣି ଅନେକ ଲୋକଙ୍କ ଘରେ ପଶିଥିବା ବେଳେ ଏବେ ବନ୍ୟା ଚିନ୍ତାର ବିଷୟ ପାଲଟିଛି।

# ଲଘୁଚାପଜନିତ ଲଗାଣ ବର୍ଷା ପରେ ବଢ଼ିଛି ଲୋକଙ୍କ ଦୁର୍ଦ୍ଦଶା



କୋଣାର୍କ (ପିଏନ୍): ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଏବେ ଲୋକଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି । ପୁରୀ ଜିଲାର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର ଅନେକ ପଞ୍ଚାୟତ ଏବେବି ପାଣି ଘେରରେ ରହିଛି । ଫଳରେ ଖାଲୁଆ ଅଞ୍ଚଳମାନଙ୍କରେ ବର୍ଷା ଜଳ ଜମରହିବାରୁ ହ୍ରଦର ଭ୍ରମ ସୃଷ୍ଟି କରୁଛି । ଖାଲୁଆ ଅଞ୍ଚଳର ବସବାସ କରୁଥିବା ଥିବା ଲୋକଙ୍କ ଘରେ ପାଣି ପସିଯାଇଥିବା ବେଳେ ଚାଳଛପର ଘର, କଚା ଘର, ମାଟି କାନ୍ଥ ଘର ଓ ବଡ ବଡ ବୃକ୍ଷମାନ ଉପୁଡି ପଡଥିଲା । ଲୋକଙ୍କ ଘରେ ପାଣି ପସିଯାଇଥିବାରୁ ସେମାନେ ଭୋକ ଉପାସରେ ରହିବା ସହ ଘରେ ଶୋଇ ପାରୁ ନାହାଁନ୍ତି । ଅନେକ ଲୋକଙ୍କ ଚାଳ ଛପର ଓ ମାଟି କାନ୍ଥ ଘର ଭୁଷୁଡି ଯାଇଥିବାରୁ ସେମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇ ସ୍କୁଲ ଘର ଓ ବାତ୍ୟା ଆଶ୍ରୟ ସ୍ଥଳିରେ ଆଶ୍ରୟ ନେଇଛନ୍ତି । ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ କୌଣସି ସହାୟତା ଯୋଗାଇ ଦିଆଯାଇ ନଥିବା ବେଳେ ବିଭିନ୍ନ ସ୍ୱଚ୍ଛାସେବୀ ସଂଗଠନ ମାନଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । ବର୍ଷା ଛାଡିବାର ଦୁଇଦିନ ପରେ ସ୍ଥାନୀୟ ଅଞ୍ଚଳର ନେତା ଓ ସ୍ୱଚ୍ଛାସେବୀମାନଙ୍କ ପକ୍ଷରୁ ବିପନ୍ନ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଇତିମଧ୍ୟରେ ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ବୁଲି ଥିଲେ ମଧ ସରକାରୀ ସହାୟତା ବିପନ୍ନ ଲୋକଙ୍କୁ ଯୋଗାଇ ଦେବାରେ ବିଳମ୍ବ ହୋଇଛି । ଏହି ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଚାଷ ଜମିରେ ପାଣି ଜମିରହିବାରୁ ଧାନ, ପାନ, ମୀନ ଓ ପନିପରିବା ଚାଷ ଉଜୁଡି ଯାଇଛି । କୋଣାର୍କ ଏନଏସିର ୧୩ ୱାର୍ଡ଼ ଓ ଗୋପ, କାକଟପୁର ଓ ଅସ୍ତାରଙ୍ଗ ବ୍ଲକର ଚାଷିଭାଇମାନଙ୍କର ହଜାର ହଜାର ହେକ୍ଟର ଚାଷ ଜମିରେ ବର୍ଷାଜଳ ଏବେବି ଲହଡି ମାରୁଛି । ବର୍ଷା ସମୟରେ ରାସ୍ତା ଓ ଘର ଉପରେ ଉପୁଡି ପଡିଥିବା ବଡ ବଡ ଗଛକୁ ଚମ୍ପାହାର ଅଗ୍ନିଶମ କେନ୍ଦ୍ରର ଅଧିକାରୀ ତୁଷାରକାନ୍ତି ପରିଜାଙ୍କ ନେତୃତ୍ୱରେ ଅଗ୍ନିକମାନେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସେବା ଯୋଗାଇ ଦେଇଥିଲେ । କୋଣାର୍କ ଏନଏସି ଅନ୍ତର୍ଗତ ୧ନମ୍ବର ୱାଡର ବାସିନ୍ଦା ବିଜୟା କାଣ୍ଡିଙ୍କ ଘର ଲଘୁଚାପ ଜନିତ ଲଗାଣ ବଷାରେ ସମ୍ପୂର୍ଣ୍ଣ ମାଟିରେ ମିଶି ଯାଇଥିଲା । ଭିଷଣ ବର୍ଷାରେ ସ୍ୱାମୀ ସ୍ତ୍ରୀ ସମେତ ୩ଜଣ ଛୋଟ ଛୋଟ ପିଲାଙ୍କୁ ନେଇ ଏକ ପଲିଥିନ ତଳେ ରହିଥିବା ଦୁଃଖଦ ଦୃଶ୍ୟ ନଜରକୁ ଆସିବାପରେ ଗଣମାଧ୍ୟମ ଓ ସ୍ୱେଚ୍ଛାସେବୀମାନେ କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇବା ପରେ ଏହି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି ।

# ଲଘୁଚାପଜନିତ ବର୍ଷା ଯୋଗୁଁ କୋଣାର୍କରେ ଜନଜୀବନ ଅସ୍ତବ୍ୟସ୍ତ



କୋଣାର୍କ (ପିଏନ୍): ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଓ କୋଣାର୍କ ଏନଏସିର ୧୩ଟି ୱାର୍ଡ ଓ ନିକଟସ୍ଥ ପଞ୍ଚାୟତରେ ବର୍ଷା ଜଳ ଜମିରହିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପାଡିଛି। ପାଣିପାଗ ବିଭାଗର ସୂଚନାନୁଯାୟୀ ଗତ ରବିବାର ସକାଳ ୮ଟା ରୁ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାରେ ସର୍ବାଧିକ ୩୪୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ୧୧ତାରିଖ ବିଳମ୍ବିତ ରାତିରୁ ସୋମବାର ସକାଳ ପର୍ଯ୍ୟନ୍ତ ମୂସଳଧାରାରେ ବର୍ଷା ହୋଇଥିଲା। ଫଳରେ ଖାଲୁଆ ଅଞ୍ଚଳମାନଙ୍କରେ ବର୍ଷା ଜଳ ଜମରହିବାରୁ କୃତ୍ରିମ ହ୍ରଦର ପରିସ୍ଥିତି ସୃଷ୍ଟି କରିଛି। କୋଣାର୍କ ଏନଏସିର ବିଭିନ୍ନ ୱାଡରେ ବସବାସ କରୁଥିବା ଥିବା ଖାଲୁଆ ଅଞ୍ଚଳର ଲୋକଙ୍କ ଘରେ ପାଣି ପସିଯାଇଛି। ଚାଳଛପର ଘର, କଚା ଘର, ମାଟି କାନ୍ଥ ଘର ଓ ବଡ ବଡ ବୃକ୍ଷମାନ ଉପୁଡି ପଡିଛି। ଲୋକଙ୍କ ଘରେ ପାଣି ପସିଯାଇଥିବାରୁ ସେମାନେ ରାତିତମା ଶୋଇ ପାରି ନାହାଁନ୍ତି। ଅନେକ ଲୋକଙ୍କ ଚାଳ ଛପର ଓ ମାଟି କାନ୍ଥ ଘର ଭୁଷୁଡି ଯାଇଥିବାରୁ ସେମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ କୌଣସି ସହାୟତା ଯୋଗାଇ ଦିଆଯାଇ ନାହିଁ। ଲଗାଣ ବର୍ଷା ପ୍ରଭାବରେ କୋଣାର୍କ ଏନଏସିର ୧୩ ୱାର୍ଡ଼ ଓ ଗୋପ, କାକଟପୁର ଓ ଅସ୍ତାରଙ୍ଗ ବ୍ଲକର ଚାଷିଭାଇମାନଙ୍କର ହଜାର ହଜାର ହେକ୍ଟର ଚାଷ ଜମିରେ ବର୍ଷାଜଳ ଲହଡି ମାରୁଛି। ଚାଷ ଜମିରେ ବର୍ଷା ଜଳଠୁଳ ହୋଇ ରହିଥିବାରୁ ପନିପରିବା ଚାଷ ଉଜୁଡି ଯାଇଛି। ବିଭିନ୍ନ ସମୟରେ ବାନ୍ୟା, ବାତ୍ୟା ଓ ଚାଷଜମିରେ ରୋଗପୋକ ଦାଉ ସାଧୁଥିବା ବେଳେ ଏବେ ଲଘଚାପ ପ୍ରଭାବରେ ଲଗାଣ ବର୍ଷା ଚାଷଜମିରେ ବ୍ୟାପକ କ୍ଷୟକ୍ଷୟତି ଘଟାଇ ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଲଗାଣ ବର୍ଷା ଯୋଗୁଁ ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳି କୋଣାର୍କକୁ ପର୍ଯ୍ୟଟକଙ୍କ ଆଗମନ ବାଧା ସୃଷ୍ଟି ହୋଇଥିବା ବେଳେ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ପରିସରରେ ବର୍ଷା ଜଳ ଠୁଳ ହୋଇ କୃତ୍ରିମ ହ୍ରଦରେ ପରିଣତ ହୋଇଥିଲା। ସୂର୍ଯ୍ୟମନ୍ଦିର ସଂରକ୍ଷଣ ଦାଇତ୍ୱରେ ଥିବା କର୍ମଚାରୀମାନେ ପାଣିବୁହା ମଟର ଲଗାଇ ମନ୍ଦିର ପରିସରରୁ ବର୍ଷା ଜଳ ନିଷ୍କାସନ କରୁଥିଲେ ମଧ ଲଗାଣ ବର୍ଷା ଲାଗିରହୁ ଥିବାରୁ ବର୍ଷା ଜଳ ନିଷ୍କାସନରେ ବିଳମ୍ବ ହୋଇଥିଲା। ଏହି ସମୟରେ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିଥିବା କେତେକ ପର୍ଯ୍ୟଟକ ମନ୍ଦିରର ଏପରି ଅବସ୍ଥା ଦେଖି ଫେରିଯାଇଥିବା ବେଳେ ଆଉ କେତେକ ପର୍ଯ୍ୟଟକ ପାଣିରେ ପଶି ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ସେପ୍ଟେମ୍ବର ୨୧

# "ଗଛ ବଂଚିଲେ ସିନା ଆମେ ବଂଚିବା"



ସଭ୍ୟତାର ବିକାଶ ଧାରାରେ ଅରଣ୍ୟର ମହନୀୟ ଅବଦାନକୁ ଅସ୍ୱୀକାର କରିହେବ ନାହିଁ। ଭାରତୀୟ ସଭ୍ୟତା ହେଉଛି ତପୋବନ ସମ୍ଭୁତ ସ୍ରତା। କେଉଁ ସୁଦୂର ଅତୀତ କାଳରେ ଭାରତୀୟ ଆର୍ଯ୍ୟ ଋଷିଗଣ ଛାୟାର ଶୀତଳ ସ୍ନିଗ୍ଧ ତପୋବନ ମଧ୍ୟରେ ଆଶ୍ରମ ନିର୍ମାଣ କରି ଜୀବନ ଅତିବାହିତ କରୁଥିଲେ। ବର୍ଣ୍ଣାଶ୍ରମ ଜୀବନରେ ବାନପ୍ରସ୍ଥ ଥିଲା ଜୀବନର ତୃତୀୟ ପର୍ଯ୍ୟାୟ। ଅରଣ୍ୟ ହେଉଛି ଦେଶର ତଥା ଜାତିର ଏକ ଜାତୀୟ ସମ୍ପତି। ଜାଳେଣି କାଠ ଓ ଆସବାବ ପତ୍ର ପାଇଁ ଏବଂ ଭେଷଜ ଗୁଣସମ୍ପନ୍ନ କିଛି ଦ୍ରବ୍ୟ ପାଇଁ ଜଙ୍ଗଲ ଉପରେ ମନୁଷ୍ୟ ନିର୍ଭର କରିଥାଏ। ଜଙ୍ଗଲରେ ଆମ୍ବ, ପଣସ ଭଳି ସ୍ୱାଦିଷ୍ଟ ଫଳ ମିଳେ। ବୃକ୍ଷ ବିନା ଆମ ଜୀବନ ଦୂର୍ବିସହ। ଆମେ ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରାଇବା। ନହେଲେ ନେଡି ଗୁଡ କହୁଣିକୁ ବୋହିବା ଆଦିବାସୀ ସମ୍ପ୍ରଦାୟର ଲୋକେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ଭର କରିଥାନ୍ତି। ଏବେ ଜଙ୍ଗଲ ଗୁଡିକୁ ସୁରକ୍ଷିତ କରାଯିବା ଫଳରେ ସେମାନେ ଆଉ ସ୍ୱଚ୍ଛନ୍ଦରେ ଜଙ୍ଗଲ ମଧ୍ୟରେ ବିଚରଣ କରି ଜୀବିକା ଅର୍ଜନ କରିପାରୁନାହାନ୍ତି। ସୁଶୀଳତଳ ଛାୟା, ସୁମିଷ୍ଟ ଫଳ, ସୁନ୍ଦର ଓ ସୁରକ୍ଷିତ ପୁଷ୍ପ ସମ୍ଭାର, କାଷ୍ଠ, ଛେଲି, ଭେଷଜ ଗୁଣଯୁକ୍ତ ଫୁଲଫଳ, ଚେରମୂଳ ଆଦି ମନୁଷ୍ୟ ପାଇଁ ଅତ୍ୟନ୍ତ ମୂଲ୍ୟହୀନ। ସବୁଠାରୁ ମୂଲ୍ୟବାନ ଥିବା ହେଲା ବାୟୁ ବିଶୋଧନ ଓ ଅମ୍ଳଜାନ ବିତରଣ। ବୃକ୍ଷ ଅଙ୍ଗା-ଆମ୍ଳିକରଣ କରି ଅମ୍ଳଜାନ ଦେଇଥାଏ। ତେଣୁ ବୃକ୍ଷ ହେଉଛି ମନୁଷ୍ୟର ପରମ ସୁଖଦ ବନ୍ଧୁ କିନ୍ତୁ ଦୁଃଖର କଥା ଏସବୁ ଜାଣିଥିବା ଅତି ଜ୍ଞାନୀ ମଣିଷ ଶ୍ୟାମଳ ଅରଣ୍ୟକୁ ଧ୍ୱଂସ କରି ନଜେ ନିଜର ବିନାଶର କାରଣ ପାଲଟିବାକୁ ଯାଉଛି। ପ୍ରକୃତି ଓ ପରିବେଶ ନଷ୍ଟ ହେବାରୁ ମାନବ ସଭ୍ୟତା ଭୟଙ୍କର ବିପଦର ସମ୍ମୁଖୀନ ହେବାକୁ ଯାଉଛି। ଏଥି ସକାଶେ ଭାରତ ତଥା ସମଗ୍ର ବିଶ୍ୱରେ ବୃକ୍ଷରୋପଣ ତଥା ନୂତନ ଅରଣ୍ୟ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ଅରଣ୍ୟ ଯେ କେବଳ ବାୟୁ ବିଶୋଧନ କରେ ତାହା ନୁହଁ, ଏହା ଦେଶର ଜଳବାୟୁକୁ ନିୟନ୍ତ୍ରଣ କରିଥାଏ। ଜଙ୍ଗଲ ଯୋଗୁଁ ବର୍ଷା ହୁଏ, ବାୟୁମଣ୍ଡଳ ଶୀତଳ ରହେ। ଅରଣ୍ୟ ସହିତ ବର୍ଷାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ବୃକ୍ଷମାନଙ୍କର ଚେର ଯୋଗୁଁ ମୃତିକା ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ମୃର୍ତିକାର ଜଳଧାରଣ କ୍ଷମତା ବଢାଇଥାଏ। ଏହା ଫଳରେ ଭୂଗର୍ଭର ଜଳପତନ ବୃଦ୍ଧିପାଏ ଏବଂ କୃଷି କାର୍ଯ୍ୟ ସୁଗମ ହୁଏ। ଅରଣ୍ୟ ଜୀବନରୁ ମୁକ୍ତ ହୋଇ ମଣିଷ ଆଜି ସଭ୍ୟତାର ଶୀର୍ଷ ଦେଶରେ ଯଦିଓ ଉପନୀତ ହୋଇପାରିଛି, ତଥାପି ଅରଣ୍ୟ ହେଉଛି, ତା'ର ଜୀବନ। ବୃକ୍ଷର ବିଲୋପ ଘଟିଲେ ସମଗ୍ର ମାନବ ସଭ୍ୟତାର ଯେ ବିଲୋପ ଘଟିଲେ ସମଗ୍ର ମାନବ ସଭ୍ୟତାର ଯେ ବିଲୋପ ଘଟିବ ଏହା ନିସନ୍ଦେହ। ବିଶେଷଜ୍ଞମାନଙ୍କ ମତରେ ପରିବଶେକୁ ସୁସ୍ଥ ରହିବାକୁ ହେଲେ ସମଗ୍ର ଭୂଭାଗର ୩୩ ପ୍ରତିଶତ ଜମି ଅରଣ୍ୟାବୃତ ହୋଇ ରହିବା ଆବଶ୍ୟକ। ଏବେ ମାତ୍ର ୨୧ ପ୍ରତିଶତ ଭାଗକୁ ହ୍ରାସ ପାଇଛି। ଏହା ଏକ ଉଦ୍‌ବେଗର ବ୍ୟାପାର। ଅଟୋ ବିକାଶମୂଳକ କାର୍ଯ୍ୟକ୍ରମର ଦ୍ୱାହି ଦେଇ ଅବିଚାରିତ ଭାବେ ବୃକ୍ଷ ଛେଦନ କରି ଜଙ୍ଗଲ କ୍ଷୟ କରାଯାଉଛି। ଯଦ୍ୱାରା ପାଣିପାଗ ଓ ଜଳବାୟୁରେ ମଧ୍ୟ ସାଂଘାତିକ ବ୍ୟତିକ୍ରମ ଦେଖାଦେଇଛି। ଅକାଳରେ ବର୍ଷା, ବନ୍ୟା, ବାତ୍ୟା ସୃଷ୍ଟି ହେଉଛି। ଶ୍ରାବଣ ମାସରେ ଭୂଇଁ ଫାଟି ମରୁଡି ହେଉଛି। ବାୟୁମଣ୍ଡଳର ଉତାପ ବଢିବାକୁ ଲାଗିଛି। ବୃକ୍ଷ ଛେଦନ ଫଳରେ ସବୁଜ ସୁନ୍ଦରପାହାଡ ଏକ ରୁକ୍ଷ ନୀରସ ପ୍ରାଚୀର ତୁଲ୍ୟ ଦଣ୍ଡାୟମାନ। ଜଙ୍ଗଲ ପରିମାଣ ହ୍ରାସ ପାଉଥିବାରୁ ଅତି ବୃଷ୍ଟି ଅନାବୃଷ୍ଟି, ପାଣିପାଗର ଅସ୍ୱାଭାବିକ ପରିବର୍ତନ ଘଟୁଛି। ବାତ୍ୟା, ବନ୍ୟା, ମରୁଡି, ଭଳି ପ୍ରାକୃତିକ ବିପର୍ଯ୍ୟାୟ ମନୁଷ୍ୟକୁ ଗ୍ରାସ କରୁଛି।

ବୃକ୍ଷରୋପଣ କାର୍ଯ୍ୟକ୍ରମ କେତେକାଂଶରେ ସଫଳ ହୋଇଥିଲେ ମଧ ଏ ବାବଦରେ କରାଯାଉଥିବା ବିପୁଳ ଅର୍ଥ ଅନୁପାତରେ ସାଫଲ୍ୟ ଅତ୍ୟନ୍ତ ନଗଣ୍ୟ ଅଟେ। ବହୁ ଭାଗ ଅର୍ଥ ବାଟ ମାରଣା ହେବାର ଦେଖା ଦେଉଛି। କେବଳ ଚାରା ବିତରଣ କରିବା ବୃକ୍ଷରୋପଣ କରି ସରକାର ଆତ୍ମ ପ୍ରଶସ୍ତି ଗାନ କରୁଛନ୍ତି, କିନ୍ତୁ ସେଥିରୁ କେତେ ଚାରା ବଂଚିଲା, ତାର ହିସାବ ରଖୁନାହାଁନ୍ତି। ରୋପିତ ଚାରା ଗୁଡିକର ଯତ୍ନ ନିଆଯିବା ଫଳରେ ସେଗୁଡିକ ଗୋରୁ ଗାଈଙ୍କ ତୁଣ୍ଡରେ ଯାଉଛ ଅବା ଜଳାଭାବରୁ ଶୁଖିଯାଉଛି। ଯେଉଁସବୁ ଚାରରୋପଣ କରାଯାଉଛି, ତାହା ମୁଖ୍ୟତଃ ଆକାଶିଆ ଜାତିରୋ ଏହା କେବଳ ଛାୟା ପ୍ରଦାନକାରୀ। ପୂର୍ବେ ରାସ୍ତା କଡରେ ଅଶ୍ୱତଥ୍, ବର, ଆମ୍ବ, ପୁଲାଙ୍ଗ, ଜାମ୍ମୁ, ଚାକୁଣ୍ଡା ଆଦି ବୃକ୍ଷରୋପଣ କରାଯାଉଥିଲା। ଏଗୁଡିକ ପଥଚାରୀଙ୍କୁ ଛାୟା ପ୍ରଦାନ କରିବା ସଙ୍ଗେ ସଙ୍ଗେ କେତେକ ବୃକ୍ଷ ଫଳ ପ୍ରଦାନ କରୁଥିଲା। କାଠ, ଜାଳେଣୀ, ଆସବାବ ପତ୍ର ନିର୍ମାଣରେ ଲାଗୁଥିଲା।

ନୂତନ ବୃକ୍ଷରୋପଣ କାର୍ଯ୍ୟକ୍ରମର ସବୁଠାରୁ ବଡ ପ୍ରତିବନ୍ଧକ ହେଉଛି ଲୋକ ଚରିତ୍ର। ଲୋକେ ଚାରାଗଛକୁ ଗୋରୁ ଗାଈ ଖୁଆଇ ଦେଉଛନ୍ତି। କହିବାକୁ ଗଲେ ଯତ୍ନ ନେବା ବଦଳରେ ନଷ୍ଟ କରିଦେଉଛନ୍ତି। ଜନସାଧାରଣ ସଚେତନ ହେଲେ ଏବଂ ସରକାରଙ୍କ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ସହଯୋଗ ନକରିଲେ, ନିଜ ଉଦ୍ୟମରେ ଗଛ ନଲଗାଇଲେ, ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳ ହୋଇପାରିବ ନାହିଁ। ବନିକରଣ କାର୍ଯ୍ୟକ୍ରମ ଅଧୁରା ରହିଯିବ। ଏଥି ସକାଶେ ଆନ୍ତରିକତା ରହିବା ଦରକାର। ଅରଣ୍ୟ ହେଉଛି, ଯେକୌଣସି ଦେଶର ଜାତୀୟ ସମ୍ପତି। ଏହାର ରକ୍ଷଣାବେକ୍ଷଣ ମନୁଷ୍ୟ ଜାତିର ଦାୟିତ୍ୱ। ବୃକ୍ଷରୋପଣକୁ ଏକ ମହତ କାର୍ଯ୍ୟ ରୂପେ ବିବେଚନା କରାଯିବା ଉଚିତ ଏବଂ ଏଥିରେ ସମସ୍ତେ ବ୍ରତୀ ହେବା ଉଚିତ।

**ସୌଭାଗ୍ୟ ରଂଜନ ମହାନ୍ତି (ରାଜା),**
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨,
ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

*ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ



ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରରେ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ ୧୯୮୧ ମସିହାରେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହିଦିନ ଜାତିସଂଘ ସାଧାରଣ ପରିଷଦର ବାର୍ଷିକ ଅଧିବେଶନ ଆରମ୍ଭ ହେଉଥିବାରୁ, ଏହି ଦିବସଟିକୁ ଶାନ୍ତି ଦିବସ ରୂପେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ସମଗ୍ର ପୃଥିବୀରେ, ପରସ୍ପର ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରି ଏହାକୁ ଦୃଢୀଭୁତ କରିବା ନିମନ୍ତେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଏକମାତ୍ର ମୁଖ୍ୟ ଲକ୍ଷ୍ୟ। ଏହାର ଠିକ୍ ଦୁଇ ଦଶନ୍ଧି ପରେ, ୨୦୦୧ ମସିହାରେ, ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ଏହି ଦିବସ ପାଳିତ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ, ଏକ ସଂଶୋଧନ ପ୍ରସ୍ତାବ ଗୃହୀତ କରାଇଥିଲେ।

୨୦୦୨ ମସିହାଠାରୁ ଅଦ୍ୟାବଧି, ଏହି ଦିବସ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ପାଳିତ ହୋଇ ଆସୁଅଛି। ଇତିହାସ ଅଧ୍ୟୟନରୁ ଜଣାଯାଏ ଯେ, ପୂର୍ବକାଳ ଅପେକ୍ଷା, ବର୍ତମାନ ଯୁଗରେ ଶାନ୍ତିର ବାତାବରଣ କ୍ରମେ ହ୍ରାସ ପାଉଅଛି। ଅନେକ ରାଷ୍ଟ୍ରମୁଖ୍ୟ ମାନଙ୍କର,ସାମ୍ରାଜ୍ୟବାଦ ଓ ବିସ୍ତାରବାଦ ନୀତି ତଥା ନିଜକୁ ବିଶ୍ୱର ଶ୍ରେଷ୍ଠ ଶକ୍ତି ରୁପେ ପ୍ରତିପାଦିତ କରିବାର ଆକାଂକ୍ଷା, ବେଳେ ବେଳେ ପୃଥିବୀରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରି ମାନବ ସମାଜକୁ ଭୟାବହ ବିପଦ ଭିତରକୁ ଟାଣି ନେଇ, ଅଶାନ୍ତିର ଦାବାଗ୍ନି ପ୍ରଜ୍ଜ୍ୱଳିତ କରାଇ ଦେଉଛି। ବ୍ୟକ୍ତିଗତ ସ୍ତରରେ ମଧ୍ୟ, କିଛି ଲୋକଙ୍କର ସ୍ୱାର୍ଥପରତା, ଲୋଭ, ଦୁର୍ବଳକୁ ଉତ୍ପୀଡନ କରିବାର ଜାନ୍ତବ ଅଭିଳାଷ, ସମାଜରେ ବହୁ ପରିମାଣରେ ଅଶାନ୍ତି ସୃଷ୍ଟି କରୁଅଛି। ବିଶ୍ୱ ଶାନ୍ତି ଦିବସରେ, ଜନମାନସରେ କେବଳ ଶାନ୍ତି ବଜାୟ ରଖିବା ବା ପ୍ରୋତ୍ସାହିତ କରିବା କାର୍ଯ୍ୟ ବ୍ୟତୀତ,ଗୋଷ୍ଠୀଗତ ଓ ରାଷ୍ଟ୍ରଗତ ବିବାଦକୁ ସମାଧାନ କରି ,ପ୍ରତ୍ୟକ୍ଷ ଯୁଦ୍ଧରୁ ନିବୃତ କରାଇ ଅହିଂସାର ପ୍ରତିଷ୍ଠା ଦିଗରେ ଶତ ପ୍ରତିଶତ ପ୍ରଚେଷ୍ଟା ଜାରି କରାଯାଉଅଛି। ଜାତିସଂଘ ପ୍ରତିଷ୍ଠା ହେବା ପରଠାରୁ, କେହି କାହା ବିରୁଦ୍ଧରେ ବଳ ପ୍ରୟୋଗ କରିବା ବା ଅନ୍ୟ ରାଷ୍ଟ୍ରର ସ୍ୱାଧୀନତା, ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା କାର୍ଯ୍ୟକୁ, ସର୍ବଦା ନିରୁତ୍ସାହିତ କରି ଆସିଅଛି। କିନ୍ତୁ ବର୍ତମାନ କେତେକ ପ୍ରଭାବଶାଳୀ ସଭ୍ୟ ରାଷ୍ଟ୍ରଙ୍କ ସ୍ୱାର୍ଥପରତା ଓ ଜିଦ୍‌ଖୋର ମନୋବୃତି ଯୋଗୁଁ, ଜାତିସଂଘ ଶାନ୍ତି ବ୍ୟାହତ କରୁଥିବା ରାଷ୍ଟ୍ର ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅସହାୟ ବୋଧ କରୁଅଛି। ତେଣୁ ଆଜି ଏ ଅଶାନ୍ତ ପୃଥିବୀରେ, ସାଧାରଣ ଲୋକଙ୍କର, ଶାନ୍ତି ପ୍ରତିଷ୍ଠାକାରୀ ଓ ଶାନ୍ତିରକ୍ଷାକାରୀଙ୍କ ଉପରେ ପ୍ରକଟ କରିଥିବା ଦୃଢ ଆସ୍ଥା କ୍ରମେ କ୍ରମେ ହ୍ରାସ ପାଉଛି।

ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଅନେକ ସମସ୍ୟା ଓ ଅଶାନ୍ତିର ମୂଳ କାରଣ। ଅର୍ଥନୈତିକ ଅସମାନତା ଅଶାନ୍ତି ସୃଷ୍ଟିର ଅନ୍ୟତମ କାରଣ। ଯଦି ଜଣେ ଲୋକ ତାର ମୌଳିକ ଆବଶ୍ୟକତା ଖାଦ୍ୟ ବସ୍ତ୍ର ବାସଗୃହ ତଥା ଏକ ସୁସ୍ଥ ନିରାମୟ ଜୀବନଯାପନ ପାଇଁ ଅସୁବିଧାର ସମ୍ମୁଖୀନ ହୁଏ, ତେବେ ସେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କ ବିରୁଦ୍ଧରେ ଈର୍ଷାପରାୟଣ ହେବା ଏବଂ ଅସହିଷ୍ଣୁତା ପ୍ରଦର୍ଶନ କରିବା ଏକ ସ୍ୱାଭାବିକତା। ବେଳେ ବେଳେ କିଛି ବ୍ୟକ୍ତି ବା ରାଷ୍ଟ୍ରମୁଖ୍ୟ ଅଧିକ ଅର୍ଥ ଓ କ୍ଷମତାର ଅଧିକାରୀ ହୋଇଗଲେ, ସେମାନଙ୍କ ଆଚରଣରେ ସ୍ୱେଚ୍ଛାଚାରିତା ଏବଂ କ୍ରୁରତା ଲକ୍ଷ୍ୟ କରାଯାଏ ଓ ସେମାନେ ଅନେକ ସମୟରେ ବିଭିନ୍ନ ଅଶାନ୍ତି ସୃଷ୍ଟିର କାରଣ ହୋଇଯାଆନ୍ତି। ପୃଥିବୀର ସମସ୍ତ ଅଂଚଳର ଲୋକମାନଙ୍କର ଶାରୀରିକ ଗଠନ, ଖାଦ୍ୟ, ବସ୍ତ୍ର, ବାସଗୃହ, ଧର୍ମ, ସାମାଜିକ ପରମ୍ପରା, ଭାଷା, ଭୌଗୋଳିକ ସ୍ଥିତି ଭିନ୍ନ ଭିନ୍ନ ହୋଇଥିଲେହେଁ, ଶାନ୍ତି ପ୍ରାପ୍ତି ସମସ୍ତଙ୍କର ଏକାନ୍ତ କାମ୍ୟ। ୧୯୮୪ରେ ବିଶ୍ୱବ୍ୟାପୀ ଏକ ଶାନ୍ତିର ତରଙ୍ଗ ସୃଷ୍ଟି କରିବା ନିମନ୍ତେ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବ୍ୟକ୍ତିବିଶେଷ, ସଂପ୍ରଦାୟ, ଅନୁଷ୍ଠାନ ଏବଂ ରାଷ୍ଟ୍ରମାନଙ୍କୁ ନେଇ ଏକ (ନୀରବ ମୁହୂର୍ତ)ର ଆହ୍ୱାନ ଦେଇଥିଲେ। ଦାରିଦ୍ର୍ୟତାର ବିଲୋପ ସାଧନ,ସମସ୍ତଙ୍କ ପାଇଁ ଖାଦ୍ୟ ଓ ସ୍ୱାସ୍ଥ ବ୍ୟବସ୍ଥା ତଥା ନ୍ୟାୟ ପ୍ରଦାନରେ ସମାନତା, ଏ ସମାଜରୁ ଅନେକାଂଶରେ ହିଂସା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟ ହେବ। ଆଜିର ଦିବସ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ। ଏ ସମାଜରେ ସମାଜରୁ ଅନେକାଂଶରେ ହିଂସା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟ ହେବ।

ଆଜିର ଦିବସ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ। ଏ ସମାଜରେ ବିଭିଷିକାମୟ ନରସଂହାର, ଅସୂୟା ଭାବ, ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅହଂକାର, ଗର୍ବ, ସ୍ୱାର୍ଥପରତା ଭିତରେ ଅଶାନ୍ତିରେ କାଳାତିପାତ କରିବା ନା ସ୍ନେହ, ପ୍ରେମ, ଭ୍ରାତୃତ୍ୱଭାବ, ସହନଶୀଳତା, ନିସ୍ୱାର୍ଥପରତା ଓ ସଦିଚ୍ଛାକୁ ପାଥେୟ କରି ଶାନ୍ତିରେ ଜୀବନଯାପନ କରିବା? ଈଶ୍ୱରଙ୍କ ସୃଷ୍ଟିରେ ମାନବ ଏକ ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ତା'ର ମନ ଏକ ଅଦ୍ଭୁତ ଉପାଦାନରେ ଗଠିତ। ଆସୁରିକ ଗୁଣ ଓ ସ୍ୱର୍ଗୀୟ ଗୁଣ ମଧ୍ୟ ଜନ୍ମଗତ ପ୍ରାପ୍ତ। କିନ୍ତୁ ପରିବେଶ ଓ ପରିସ୍ଥିତିର ଚାପରେ ତା'ର ଗୁଣ ମଧ୍ୟ ଅନେକାଂଶରେ ପରିବର୍ତ୍ତିତ ହୋଇଥାଏ। ଗଣତାନ୍ତ୍ରିକ ପଦ୍ଧତିରେ, ଜାତି ଧର୍ମ ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ, ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଉତମ ମାର୍ଗ।

ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ୧୯୦୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ୨୦୦୮ ମସିହାରେ ଆଇସଲ୍ୟାଣ୍ଡକୁ ସର୍ବଶ୍ରେଷ୍ଠ ଶାନ୍ତିକାମୀ ରାଷ୍ଟ୍ର ରୂପେ ଘୋଷଣା କରାଯାଇଥିଲା ଏବଂ ଅଦ୍ୟାବଧି ତାହା ବଜାୟ ରହିଅଛି। ଆଜି ବିଶ୍ୱରେ ଆତଙ୍କବାଦ ଏକ କରାଳ ରୂପରେ ଉଭାସିତ। ହିଂସା କେବେବି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବ ନାହିଁ। ଆଜି ଆଫଗାନିସ୍ଥାନର ବିଭିଷିକାମୟ ରକ୍ତରଂଜିତ ଅଧ୍ୟାୟ ଏବଂ ସେଠାକାର ଅଧିବାସୀ ମାନଙ୍କର ଜୀବନ ଓ ଅଧିକାର ଭିକ୍ଷା ନିମନ୍ତେ କରୁଣ ଆର୍ତଚିତ୍କାର, ଯେକୌଣସି କଠୋର ବ୍ୟକ୍ତିର ହୃଦୟକୁ ଦୋହଲାଇ ଦେବ, ଏଥିରେ କୌଣସି ସନ୍ଦେହ ନାହିଁ। ତେଣୁ ଆଜି ସମସ୍ତେ ଶପଥ ନେବା, ନିଜର ସ୍ୱର୍ଗୀୟ ମାନବିକତା ଗୁଣର ପ୍ରୟୋଗରେ, ଏ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ତଥା ହିଂସ୍ରତା ଆଚରଣ କରୁଥିବା ବ୍ୟକ୍ତି ବିଶେଷ ତଥା ରାଷ୍ଟ୍ରମୁଖ୍ୟମାନଙ୍କ ଉପରେ ନୈତିକ ଚାପ ପକାଇ ଏତାଦୃଶ କାର୍ଯ୍ୟରୁ ନିବୃତ କରାଇ, ଆଜି "ବିଶ୍ୱ ଶାନ୍ତି ଦିବସ"ର ସାର୍ଥକତା ପ୍ରତିପାଦନ କରିବା।

**ପ୍ରଦୀପ୍ତ ଆଚାର୍ଯ୍ୟ**
*ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ।*
*ମୋ-୬୩୭୧୫୯୩୨୨୦*

# ଭଲ ମଣିଷ ଖୋଜା ଚାଲିଛି



ଭଲ ମଣିଷର ଦେଶ ଭାରତ। ହଜାର ହଜାର ବର୍ଷ ଧରି ଏ ଭାରତବର୍ଷ ବିଶ୍ୱକୁ ଦେଇଆସିଛି ଦିଗ୍‌ଦର୍ଶନ। ଏ ସଂସ୍କୃତିର ଆଦ୍ୟବାଣୀ ଅପୁରୁଷେୟ ବେଦରେ ଶୁଣାଇଥିଲା - 'ଅଗ୍ନିମିଳେ ପୁରୋହିତଂ'। ସେହି ମହନୀୟ ଆଭିମୁଖ୍ୟର ଅନୁରଣନ ବିଶ୍ୱକୁ ଦେଇଛି ମାନବ ଅଭ୍ୟୁଦୟର ମୂଳମନ୍ତ୍ର। ବେଦ, ଉପନିଷଦ୍, ପୁରାଣ, ମହାକାବ୍ୟର ଧାରା ଦେଇ ଯୁଗ ଓ ଜାତିକୁ ସମୃଦ୍ଧ କରିଛି ଭାରତବର୍ଷ। ଏ ମାଟିରେ ଦେବତା ବି ଧରାବତରଣ କରି ମାନବିକତାର ମନ୍ତ୍ର ଶୁଣାଇଥିବା ବିଶ୍ୱାସ କରାଯାଏ। ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ପରମ ପୁରୁଷ ତଥା ଶ୍ରୀମଦ୍ ଭାଗବତ ଗୀତାର ପ୍ରବକ୍ତା ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ କରି ମହାନ୍ ଯୋଗୀ ରାମକୃଷ୍ଣ ପରମହଂସ, ଭାରତୀୟ ଅସ୍ମିତାର ପ୍ରବକ୍ତା ସ୍ୱାମୀ ବିବେକାନନ୍ଦ, ଅତିମାନସତତ୍ତ୍ୱର ବ୍ୟାଖ୍ୟାକାର ମହାଯୋଗୀ ଶ୍ରୀ ଅରବିନ୍ଦ, ଅହିଂସାର ପରମପୂଜକ ଯୁଗପୁରୁଷ ମହାତ୍ମା ଗାନ୍ଧୀ ଏ ଭାରତବର୍ଷରେ ଜନ୍ମନେଇ ବିଶ୍ୱକୁ ଦେଇଛନ୍ତି ମାନବୀୟ ଉତ୍‌ଥାନର ଚରମବାଣୀ। ସମୟର ଧାରାରେ ଦୀର୍ଘଦିନର ପରାଧୀନତା ଭିତରେ ଅବଶ୍ୟ ଏ ଆର୍ଯ୍ୟାବର୍ତ୍ତ କ୍ରମେ ମୁମୂର୍ଷୁପ୍ରାୟ। ଆତଙ୍କବାଦ, ସାଂପ୍ରଦାୟିକ ବିଦ୍ୱେଷ, ଭ୍ରଷ୍ଟାଚାର ଏ ମାଟି ଓ ଜାତିର ଆତ୍ମାକୁ କଳୁଷିତ କରିଛି। ସବୁଠାରେ ଯେପରି ନୈରାଶ୍ୟବାଦର ଏକଛତ୍ର ଆଧିପତ୍ୟ। କିନ୍ତୁ କରାଳ ରାତ୍ରୀର ଯବନିକା ପରେ ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଫୁଟି ଉଠିଥାଏ ନିଶ୍ଚୟ। ଭାରତ ପାଇଁ ଏକବିଂଶର ବିଶ୍ୱ ଯେ ନୂତନ ସମ୍ଭାବନା ସୃଷ୍ଟି କରିଛି - ଏ ବିଶ୍ୱାସକୁ ନେଇ ଆଜି ସମଗ୍ର ବିଶ୍ୱବାସୀ ଆତୁରତାର ସହ ଅପେକ୍ଷା କରିଛନ୍ତି। ଆଜି ଜଗତୀକରଣ ପ୍ରେକ୍ଷାପଟରେ 'ବସୁଧୈବ କୁଟୁମ୍ବକମ୍' ଅଧିକ ସତ୍ୟ ମନେହୁଏ। ବ୍ୟକ୍ତିବିଶ୍ୱରୁ ଉର୍ଦ୍ଧ୍ୱରେ ବିଶ୍ୱବ୍ୟକ୍ତିର ପ୍ରକାଶ ପ୍ରତିଶ୍ରୁତିର ପର୍ବ ଆରମ୍ଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ପରିପ୍ରେକ୍ଷୀରେ ବାସ୍ତବିକ ଆଜିର ତରୁଣ ଖୁବ୍ ଗମ୍ଭୀରତାର ସହ ନିଜର ଭୂମିକା ନିର୍ବାହ କରିବା ଆବଶ୍ୟକ ମନେହୁଏ। ପରମ୍ପରା କହେ- ଏ ମାଟିର ନଚିକେତା ଦିନେ 'ଯମ'ଙ୍କ ନିକଟରେ ପ୍ରଶ୍ନିଳ ମନ ନେଇ ଜୀବନର ଗୂଢ଼ ରହସ୍ୟ ଉଦ୍‌ଘାଟନ କରିଥଲେ। ଜାଗତିକ ସତ୍ୟଠାରୁ ଉର୍ଦ୍ଧ୍ୱରେ ସନାତନ ସତ୍ୟର ସନ୍ଧାନ କରିଥିଲେ। ଆଜିର ପୃଥିବୀ ପୁନଶ୍ଚ ଏପରି ଏକ ସତ୍ୟ ସନ୍ଧାନୀର ଅପେକ୍ଷା ରଖିଛି। ଆଜି ଅନେକ ବଡ଼ମଣିଷ ଆମ ଭିତରେ ଠିଆ ହୋଇଛନ୍ତି। କିନ୍ତୁ ଭଲ ମଣିଷ ଖୋଜାଚାଲିଛି ଅନବରତ। 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା / ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିତ୍ ଦୁଃଖଭାକ୍‌ଭବେତ୍' ମୂଳମନ୍ତ୍ରକୁ ପ୍ରତିଷ୍ଠା କରିବା ଦିଗରେ ଅବିଶ୍ରାନ୍ତ ଚେଷ୍ଟା ଚାଲିଛି। ଏ ଦିଗରେ ତରୁଣ ଭାରତ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛି- ଏଥିରେ ସନ୍ଦେହ ନାହିଁ। ଏହି ଅଭିଯାନର ସୂତ୍ରଧାର ଭାବରେ ଆଗାମୀ ଭାରତର ତରୁଣମାନଙ୍କ ଆଗରେ ମୁଣ୍ଡ ଟେକିଛି ଅନେକ ସମ୍ଭାବନା। ଦେଶର କୋଣ ଅନୁକୋଣରେ ଖେଳିଯାଇଛି ଜାଗରଣର ପ୍ଲାବନ। 'ଭାରତୀୟତା' ଆଧାରରେ ଏକ ସୁପ୍ରାଚୀନ ମାନବଗୋଷ୍ଠୀ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ନିମନ୍ତେ ଜୟଯାତ୍ରା ଆରମ୍ଭ କରିଛନ୍ତି। ଏହି ଧାରାରୁ ଉତ୍କଳୀୟ ତରୁଣ ଭିନ୍ନ ନୁହଁନ୍ତି ନିଶ୍ଚୟ। ଦିନେ କପିଳ ସଂହିତା ଯାହା କହିଥିଲା - 'ବର୍ଷଣାଂ ଭାରତ ଶ୍ରେଷ୍ଠ, ଦେଶନାଂ ଉତ୍କଳୋଶ୍ରୁତ୍ୟ / ଉତ୍କଳସ୍ୟ ସମୋଦେଶ, ଦେଶନାସ୍ତି ମହୀତଳେ'। ଉତ୍କଳ ମାଟିର ଉଜ୍ଜ୍ୱଳ ତାରକା ଭାବରେ ଆମ ଯୁବଗୋଷ୍ଠୀ ଏହି ମହାଯାତ୍ରାରେ ନିଜକୁ ସାମିଲ କରି ଆଗାମୀ ଧରାର ମୁଖୋଜ୍ଜ୍ୱଳ ଯେ କରିବେ- ଏଥିରେ ସନ୍ଦେହ ନାହିଁ।

**ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*

# ମ୍ୟୁଜିକ ଚେୟାରରେ ମୁଖ୍ୟମନ୍ତ୍ରୀ ପଦ



ସ୍ୱାଧିନ ପରଠାରୁ ଭାରତବର୍ଷରେ ଗଣତନ୍ତ୍ର ଶାସନ ଚାଲି ଆସୁଛି ଓ ଦେଶର ନାଗରିକମାନେ ସେମାନଙ୍କର ମନ ମୁତାବକ ନେତା ଓ ଦଳକୁ ନିର୍ବାଚିତ କରି ଆଣୁଛନ୍ତି। ଦେଶ ସ୍ୱାଧିନ ହେଲା ପରେ ଦେଶ ଓ ରାଜ୍ୟ ଗୁଡିକରେ ଭାରତୀୟ ଜାତୀୟ କଂଗ୍ରେସ ନିର୍ବାଚନରେ ଜିତି ଶାସନ ଭାର ମୁଣ୍ଡାଉଥିଲା ଓ କାଁଭାଁ କେତେକ ରାଜ୍ୟରେ ଅନ୍ୟ ରାଜନୈତିକ ଦଳମାନେ କ୍ଷମତାକୁ ହାତେଇବାରେ ସକ୍ଷମ ହେଉଥିଲେ। ଏଣୁ ଜାତୀୟ ଦଳ ଭାବରେ ଭାରତୀୟ କଂଗ୍ରେସ ଏକମାତ୍ର ଦଳ ଭାବରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାରକୁ ହାତେଇବାରେ ସମ୍ଭବ ହେଉଥିଲା। ଅଖିଳ ଭାରତ କଂଗ୍ରେସ କମିଟିର ସଭାପତିଙ୍କ ତତ୍ତ୍ୱାବଧାନରେ ଦଳର ସ୍ଥିତିକୁ ଓ ବିଧାୟକମାନଙ୍କର ଦାବିକୁ ନେଇ ମୁଖ୍ୟମନ୍ତ୍ରୀମାନଙ୍କୁ ପରିବର୍ତନ କରୁଥିଲେ ଓ ଦଳର ଭବିଷ୍ୟତକୁ ଆଖି ଆଗରେ ରଖି ଅନ୍ୟ ଜଣକୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ଦେଉଥିଲେ। ବେଳେ ବେଳେ ଦେଖାଯାଉଥିଲା, ଜଣେ ବିଧାୟକ ଭାବରେ ନିର୍ବାଚିତ ହୋଇ ନାହାନ୍ତି ବା ସେ ଦଳର ଅନ୍ୟ କୌଣସି ପଦବିରେ ରହି କାର୍ଯ୍ୟ କରୁଥାନ୍ତି, ସେଭଳି ବ୍ୟକ୍ତିକୁ ଦଳ ଆଣି ମୁଖ୍ୟମନ୍ତ୍ରୀ ଆସନ ପାଇଁ ମନୋନୀତ କରୁଥିଲେ। ଯଦିଓ ଦଳ ଯାହାକୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଚାହୁଁଥିଲା, ତାଙ୍କୁ ନିୟମ ମୁତାବକ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ କରାଇ ନେଇ କ୍ଷମତା ପ୍ରଦାନ କରାଯାଉଥିଲା। ନିର୍ବାଚିତ ବିଧାୟକମାନଙ୍କର ମତ ନ ନେଇ କେନ୍ଦ୍ରିୟ ନେତୃତ୍ୱ ଜଣକୁ ନେତା ରୂପେ ମାନିବା ପାଇଁ ବାଧ୍ୟ କରାଯାଉଥିବା ବିରୋଧିଦଳମାନେ ଅଭିଯୋଗ କରୁଥିଲେ। ଫଳରେ ଏହା କଂଗ୍ରେସ ଦଳର ଏକ ଚିରାଚରିତ କାର୍ଯ୍ୟକ୍ରମ ବୋଲି ମଧ୍ୟ ସାଧାରଣରେ ପ୍ରଚାର କରିବାକୁ ବିରୋଧିଦଳମାନେ ପଛାଉ ନ ଥିଲେ। ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ ସେହିଭଳି କେନ୍ଦ୍ରିୟ ନେତୃତ୍ୱର ମନୋନୀତ ଭାବେ ମୁଖ୍ୟମନ୍ତ୍ରୀ ପଦବୀ ଅଳଂକୃତ କରିଥିଲେ ବୋଲି ବହୁ ସମୟରେ ସମାଲୋଚନା ଶୁଣିବାକୁ ପଡିଥିଲା।

ଏବେ କେନ୍ଦ୍ରରେ ଭାରତୀୟ ଜନତା ଦଳ ନିର୍ବାଚନରେ ବିଜୟ ଲାଭ କରି ଦ୍ୱିତୀୟ ଥର ପାଇଁ କ୍ଷମତାରେ ରହିଛି ଓ କେତେକ ରାଜ୍ୟରେ ମଧ୍ୟ ଦଳ କ୍ଷମତା ହାତେଇବାର ସୁଯୋଗ ପାଇଛି। ବିଜେପି ଶାସିତ କେତେକ ରାଜ୍ୟମାନଙ୍କରେ ନିକଟରେ ନିର୍ବାଚନ ହେବାକୁ ଥିବା ବେଳେ, ଦଳ କ୍ଷମତାକୁ ହାତରେ ରଖିବା ପାଇଁ କଳେବଳେ ଚେଷ୍ଟା ଚଳାଇଛି ଓ ସେଇଥି ପାଇଁ ବିଗତ ସରକାର ଆପଣେଇଥିବା ସମସ୍ତ କାର୍ଯ୍ୟଧାରାଗୁଡିକୁ ଅନୁକରଣ କରିବାରେ ଲାଗିଛି ବିଜେପି ଦଳ। ଏକଦା କଂଗ୍ରେସର ଏ ପ୍ରକାର କାର୍ଯ୍ୟକୁ ବିରୋଧ କରି କ୍ଷମତା ଆପଣେଇଥିବା ଦଳ ଆଜି ନିଜକୁ ଜାତୀୟ ଦଳ କହି କେନ୍ଦ୍ରିୟ ନେତୃତ୍ୱର ବଳ ପ୍ରୟୋଗ କରି ଗୋଟିଏ ପରେ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ବଦଳେଇବାରେ ଲାଗି ପଡିଛନ୍ତି। ଦଳକୁ କ୍ଷମତାକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରିବର୍ତନ କରି ସାଧାରଣରେ ସ୍ୱଚ୍ଛତାକୁ ପ୍ରଦର୍ଶନ କରିବା ଆଶାରେ ଗତ ସରକାର ପରି ଚେଷ୍ଟା ଚଳାଇଛନ୍ତି। ନିର୍ବାଚିତ ବିଧାୟକମାନଙ୍କ ମତକୁ ସମ୍ମାନ ଦେବା ତ ଦୂରର କଥା କେନ୍ଦ୍ରିୟ ନେତୃତ୍ୱ ନେତା ନିର୍ବାଚନ କରି ସେମାନଙ୍କୁ ମାନି ନେବାକୁ କୁହାଯାଉଛି। କେନ୍ଦ୍ରିୟ ନେତା ରାଜ୍ୟ ନେତୃତ୍ୱକୁ ସଖୀ କଣ୍ଢେଇ ଭାବି ତାଙ୍କ ନିଜ ଇଚ୍ଛା ମତେ ପରିବର୍ତନ କରି ଭାବମୂର୍ତିକୁ ସଜାଡିବାରେ ଆପ୍ରାଣ ଚେଷ୍ଟାରେ ଲାଗିଯାଇଛନ୍ତି। କେତେକାଂଶରେ ସକ୍ଷମ ମଧ୍ୟ ହେଉଛନ୍ତି। ଏହା ଗୋଟିଏ ଦଳର ମତ ନୁହେଁ, ଜାତୀୟ ଦଳମାନେ ଏହିଭଳି ରାଜ୍ୟ ନେତୃତ୍ୱ ପ୍ରତି ବ୍ୟବହାର କରୁଥିବା ଦେଖାଯାଉଛି। ବିଗତ ଦିନରେ ଭାରତୀୟ ଜାତୀୟ କଂଗ୍ରେସ ସେହିଭଳି ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ମନ ଇଚ୍ଛା ପରିବର୍ତନ କରି ସାଧାରଣରେ ବିରୋଧର ଶୀକାର ହୋଇଥିଲା। ଏବେ ଭାରତୀୟ ଜନତା ପାର୍ଟି ମଧ୍ୟ ସେହି ସୁତ୍ରକୁ ଆପଣେଇ ଜନସାଧାରଣଙ୍କ ଶରବ୍ୟ ହେଉଛି।

ଜଣେ ନେତା ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ ହେଲା ପରେ ସେମାନେ ରାଜ୍ୟର ମଙ୍ଗଳକୁ ଆଖିଆଗରେ ରଖି ଦଳିୟ ବିଧିବ୍ୟବସ୍ଥାକୁ ଆପଣେଇ ଜନମଙ୍ଗଳ କାର୍ଯ୍ୟକୁ କରିନେଇ ଯାଆନ୍ତି। ତେବେ ଜଣେ ମୁଖ୍ୟମନ୍ତ୍ରୀ କିଭଳି ସମସ୍ତ ବିଫଳତାକୁ ମୁଣ୍ଡେଇ ଥାଏ ଓ ଲୋକାଭିମୁଖୀ କାର୍ଯ୍ୟର ସମସ୍ତ ଶ୍ରେୟ ଦଳ ଓ ଦଳପତି ନେଇଥା'ନ୍ତି? ଏହା ସାଧାରଣ ଜନତାକୁ ଠକିବାର ଏକ ମାଧ୍ୟମ ନୁହେଁତ ଆଉ କ'ଣ? ନିର୍ବାଚନର କିଛି ଦିନ ପୂର୍ବରୁ ଦଳ ରାଜ୍ୟ ମୁଖ୍ୟମନ୍ତ୍ରୀକୁ ବଦଳାଇ ଦେଇ ବାହାବା ନିଏ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦଳ ବା ସାଧାରଣ ଜନତାଙ୍କ କଥାକୁ ଗୁରୁତ୍ୱ ଦେଲା ନାହିଁ, ଫଳରେ ତାକୁ ପରିବର୍ତନ ସାଧାରଣ ଜନତାଙ୍କ ମତକୁ ସମ୍ମାନ ଦେଇ କରାଯାଇଛି ଓ ଯେଉଁ ନୂତନ ନେତା ନିଯୁକ୍ତି ପାଇଛନ୍ତି, ତାର କାର୍ଯ୍ୟଶୈଳୀ ସଙ୍ଗେ ସଙ୍ଗେ ଜଣା ପଡିବ ନାହିଁ, ଏଣୁ ବିଶ୍ୱାସ ରଖନ୍ତୁ, ଆଗାମୀ ଦିନରେ ସେ ସାଧାରଣ ଜନତାମାନଙ୍କର ପ୍ରତିଟି କାର୍ଯ୍ୟକୁ ନିଷ୍ଠାର ସହ କରିବା ପାଇଁ ଚେଷ୍ଟା କରିବ, ଏଣୁ ତାକୁ ଥରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯାଉ ବୋଲି ଦଳପତି କଂଠ ଫଟେଇ କହି ପାରିବେ। ଏହା ଯାହା ଦେଖାଯାଉଛି ଜାତୀୟ ଦଳମାନଙ୍କର ଏକ ଚାଲ୍।

କିନ୍ତୁ ଆଂଚଳିକ ଦଳମାନଙ୍କରେ ଏଭଳି ଆଚରଣ ଦେଖିବାକୁ ମିଳେ ନାହିଁ। କାରଣ କୌଣସି ଘଟଣା ବା କାରଣକୁ ନେଇ ଆଂଚଳିକ ସ୍ତରରେ ଦଳ ଗଠନ କରି ଶାସନକୁ ଆସିଥିବା ନେତାମାନେ କ୍ଷମତାକୁ ନିଜ ହାତରେ ରଖିଥିବାରୁ ନେତା ପରିବର୍ତନର ଆଶା ନ ଥାଏ। ଫଳରେ ଦଳର ଭବିଷ୍ୟତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ହିଁ ବୁଝାଇଥାଏ। ସେମାନେ ସାଧାରଣ ଜନତାଙ୍କ ପାଇଁ ଲୋକ ଦେଖାଣିଆ କିଛି କାର୍ଯ୍ୟକ୍ରମ ହାତକୁ ନେଇ ଆକୃଷ୍ଟ କରି ରଖୁଥିବା ଜଣାଯାଏ। ଆଂଚଳିକ ଦଳ ସବୁ କ୍ଷମତାକୁ ହାତ ମୁଠାରେ ରଖିବାକୁ ହେଲେ, ସେମାନଙ୍କୁ ସମସ୍ୟାନୁସାରେ କାର୍ଯ୍ୟ କରିବାକୁ ନିଜର ଉତ୍ସାହ ଉପରେ ନିର୍ଭର କରୁଥିବା ବେଳେ ଜାତୀୟ ଦଳମାନଙ୍କରେ ସେସବୁ ନିଜ ଇଚ୍ଛାନୁସାରେ କରି ହୁଏ ନାହିଁ। ଜାତୀୟ ଦଳର ମତାମତ ଲୋଡିଲା ବେଳକୁ ରାଜ୍ୟରେ ଲୋକମାନଙ୍କର କାମକୁ ଠିକ୍ ଭାବରେ କରି ହୁଏ ନାହିଁ। ରାଜ୍ୟର ଯେ ଦାୟିତ୍ୱରେ ଥିବ ବା ମୁଖ୍ୟମନ୍ତ୍ରୀ ସେ ନିଜ ଇଚ୍ଛା ମୁତାବକ କାମ କରି ପାରେନାହିଁ। କେନ୍ଦ୍ରିୟ ନେତୃତ୍ୱର ଇଚ୍ଛା ବେଳେ ବେଳେ ଅଲଗା ରହିଥାଏ ବା ଦଳ ଭିତରେ କିଛି ଦଳିୟ ଅସନ୍ତୁଷ୍ଟ କେନ୍ଦ୍ରିୟ ନେତୃତ୍ୱ କାନରେ ମଧ୍ୟ କାର୍ଯ୍ୟଶୈଳୀର ବିରୋଧ କରିଥାନ୍ତି। ଫଳରେ କେନ୍ଦ୍ରିୟ ନେତୃତ୍ୱ ବେଳେ ବେଳେ କାନକୁହାଙ୍କ କଥାକୁ ଗୁରୁତ୍ୱ ଦେଇଥାଏ ଓ ଦଳର ବିପର୍ଯ୍ୟୟକୁ ରୋକିବା ଆଶାରେ କେନ୍ଦ୍ରିୟ ନେତୃତ୍ୱ ମୁଖ୍ୟମନ୍ତ୍ରୀକୁ ପରିବର୍ତନ କରିବାକୁ ବାଧ୍ୟ ହୋଇଥାଏ। ଏଣୁ ଜାତୀୟ ଦଳମାନଙ୍କରେ ମୁଖ୍ୟମନ୍ତ୍ରୀ ଆସନକୁ ନେଇ ନିଜେ ନେତା ମଧ୍ୟ ସନ୍ଦିହାନରେ ଥାଆନ୍ତି ଓ ନିଜ ମନ ମୁତାବକ କାମଟିଏ ହାତକୁ ନେଇପାରନ୍ତି ନାହିଁ ଓ ଶେଷରେ ସାଧାରଣରେ ନିନ୍ଦିତ ହୋଇଥାନ୍ତି।

କେନ୍ଦ୍ରିୟ ନେତୃତ୍ୱ ଦଳକୁ କ୍ଷମତାରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆସନକୁ ପରିବର୍ତନ କରିଥା'ନ୍ତି। ଏଣୁ ଜାତୀୟ ଦଳମାନଙ୍କରେ ମୁଖ୍ୟମନ୍ତ୍ରୀ ଆସନ ମ୍ୟୁଜିକ ଚେୟାର ସଦୃଶ ବୋଲି ସାଧାରଣରେ ପ୍ରକାଶ ପାଇଥାଏ। ବେଳେ ବେଳେ ରାଜ୍ୟର ଏଭଳି ପରିବର୍ତନକୁ ସାଧାରଣରେ ନିନ୍ଦା କରୁଥିବା ବେଳେ ଗଣତନ୍ତ୍ରକୁ ନଷ୍ଟ କରୁଥିବା ଭଳି ଅଭିଯୋଗ କରି ଆସୁଥିଲେ। ଯେଉଁମାନେ କଂଗ୍ରେସ ନେତୃତ୍ୱକୁ ଏ ନେଇ ନିନ୍ଦା କରୁଥିଲେ, ସେମାନେ ଏବେ ସମ୍ପୁର୍ଣ୍ଣ ଚୁପ ହୋଇ ବସିଛଁନ୍ତି। କଂଗ୍ରେସ ଦଳ ବିଗତ ଦିନରେ ଶାସନରେ ରହି ଏସବୁ କରୁଥିଲା ଓ ଏବେ ବିଜେପି କଲେ ଭୁଲ ରହିଲା କେଉଁଠି ବୋଲି ମଧ୍ୟ କିଛି ମତ ରଖୁଛନ୍ତି। ତେବେ ଏଠାରେ ସ୍ୱତଃ ପ୍ରଶ୍ନ ଆସେ କଂଗ୍ରେସ ଭୁଲ କରିଥିଲା ବୋଲି ସାଧାରଣ ଜନତା କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ, ଏବେ ବିଜେପି ମଧ୍ୟ ସେହି ଭୁଲଗୁଡିକ କରୁଛି। ଇତି ମଧ୍ୟରେ କେନ୍ଦ୍ରିୟ ବିଜେପି କର୍ଣ୍ଣାଟକ, ଉତରାଖଣ୍ଡ, ଆସାମ, ଗୁଜୁରାଟ ଭଳି ରାଜ୍ୟମାନଙ୍କରେ ମୁଖ୍ୟମନ୍ତ୍ରୀମାନଙ୍କୁ ବଦଳାଇ ସାରିଲାଣି। ଆସାମରେ ନେତୃତ୍ୱ ପରିବର୍ତନ ଏକ ନୂଆ ଶିହରଣ ଦେଇଥିବାରୁ ବିଜେପି ବେଶି ଆଗ୍ରହର ସହ ନେତା ପରିବର୍ତନ କରିଛି। ମୁଖ୍ୟମନ୍ତ୍ରୀ ଆସନକୁ ମ୍ୟୁଜିକ ଚେୟାର ଭଳି ପରିବର୍ତନ କରି କଂଗ୍ରେସ ଲାଭ ପାଇବା ଅପେକ୍ଷା ନିନ୍ଦିତ ହୋଇଥିବା ବେଳେ କ୍ଷମତା ହରାଇବାକୁ ପଡିଥିଲା, ଏଣୁ କଂଗ୍ରେସ ଭଳି ବିଜେପି, ଲୋକଙ୍କଠାରୁ କଣ ନ୍ୟାୟ ପାଉଛି, ଦେଖିବାକୁ ବାକି ରହିଲା ?

**ଗୋପାଳ ଚନ୍ଦ୍ର ନାଥ,** ସାମ୍ବାଦିକ,
ଅନୁଗୋଳ, ମୋ-୯୪୩୭୨୯୦୬୬୨

## ତ୍ୟାଗରେ ଆନନ୍ଦ

ଜୀବନ ଗୋଟିଏ ପାଠଶାଳା। ଏଇଠି କେବଳ ବହି ପଢ଼ିଲେ ଜ୍ଞାନ ହୁଏନା। ମଣିଷମାନଙ୍କୁ ପଢ଼ିବାକୁ ହୁଏ। ସମସ୍ୟାମାନଙ୍କୁ ଭେଟିବାକୁ ହୁଏ। ସମାଧାନମାନଙ୍କୁ ଦେଖିବାକୁ ହୁଏ। ତାହାହେଲେ ଜୀବନ ସରସ ହୁଏ। ପ୍ରତ୍ୟେକଙ୍କ ଜୀବନ ଗୋଟିଏ ଗୋଟିଏ ବହି। ଏ ବହିର ପୃଷ୍ଠା ଆରମ୍ଭ ହୁଏ ଜନ୍ମରୁ। ଅନ୍ତୁଡ଼ିଶାଳରୁ। ବହିର ଶେଷପୃଷ୍ଠା ମଶାଣିରେ। ଜୁଇରେ। ଜୀବନକୁ ଆମେ ଯେମିତି ଦେଖୁ, ବାସ୍ତବ ଜୀବନ ସେମିତି ନୁହେଁ। ଜଣେ ଅନ୍ୟକୁ ଲୁଟ୍‌କରି ଆନନ୍ଦ ପାଏ। ଆଉ ଜଣେ ଦାନ କରିକରି ଆନନ୍ଦ ପାଏ। ଜଣେ ନିଜେ ହସି ହସି ଅନ୍ୟ ଆଖିରେ ଲୁହ ଦେଇ ଖୁସି ମନାଏ। ଆଉ ଜଣେ ନିଜ ଲୁହକୁ ଚାପିରଖି ଅନ୍ୟ ଓଠରେ ହସ ଭରିଦେଇ ଖୁସିହୁଏ। ଏ ନେଇ ଉଦାହରଣଟିଏ। ଦିନେ ଗୁରୁଜୀ ଶିଷ୍ୟକୁ ପଚାରିଲେ- 'ତୁମେ ଦୀର୍ଘ ସମୟ ଧରି ଠିଆହେଇଚ। ବସିବାକୁ ଟିକିଏ ଜାଗା ମିଳିଗଲା। ତେବେ ଖୁସିହେବ ନା ଦୁଃଖୀ ହେବ ?' ଶିଷ୍ୟଟି କହିପକେଇଲା- 'ଗୁରୁଜୀ, ଦୀର୍ଘ ସମୟ ଧରି ବାଟ ଚାଲିଥିବା ବା ଠିଆହେଇଥିବା ଲୋକଟି ତ ବସିବାକୁ ଜାଗା ଖୋଜୁଥାଏ। ଜାଗାଟିକିଏ ପାଇଲେ ସେ ନିଶ୍ଚିତ ବସିପଡ଼ିବ।' ତା' ପରଦିନ ଗୁରୁ ଓ ଶିଷ୍ୟ ଗୋଟିଏ ଦୂରଯାତ୍ରାରେ ବାହାରିଲେ। ସେମାନଙ୍କୁ ରେଳରେ ଯିବାକୁ ହେଲା। ଟିକେଟ୍ କରି ନିଜର ସ୍ଥାନ ସଂରକ୍ଷଣ କରିନେଲେ। କିଛି ବାଟ ଯିବା ପରେ କ୍ରମଶଃ ଭିଡ଼ ହେଲା। ଜଣେ ବୟସ୍କ ଲୋକ ଠିଆହେଇଥାଆନ୍ତି। ଯୁବକମାନେ ଫାଙ୍କା ଦେଖି ନିଜେ ବସିପଡୁଥିଲେ। ବୟସ୍କଙ୍କୁ ସ୍ଥାନ ଦେଉନଥିଲେ। କିଛି ସମୟ ପରେ ଶିଷ୍ୟଟି ନିଜ ଜାଗାରୁ ଉଠିଗଲା। ବୟସ୍କଙ୍କୁ ଜାଗାଦେଲା। ସମୟ କ୍ରମେ ଜଳଖିଆ ଖାଇବାର ବେଳହେଲା। ସମସ୍ତେ ନିଜ ନିଜର ବ୍ୟବସ୍ଥା କରୁଥିଲେ ହେଁ ବୟସ୍କଙ୍କ ପାଖରେ କିଛି ନ ଥିଲା। ଶିଷ୍ୟ ନିଜ ଭାଗରୁ ମଧ ବୟସ୍କଙ୍କୁ ଖୁଆଇଲା। ଏବେ ଉଭୟଙ୍କ ମନ ପ୍ରଫୁଲ୍ଲ। ଯାତ୍ରା ଶେଷରେ ଗୁରୁଜୀ ପଚାରିଲେ- 'ତୁମେ ଆଜି ଟିକେଟ୍ କରିଛ, ଅଥଚ ନିଜେ ଠିଆହେଲ। ଜଳଖିଆ ନେଇ ପେଟେ ଖାଇବା ବଦଳରେ ଅଧାଖାଇଚ। ଏଥିରେ କ'ଣ ତୁମେ ଆନନ୍ଦ ପାଇଛ ?' ଶିଷ୍ୟଟି ଉତ୍ତର ଦେଲା- 'ହଁ। ନିଶ୍ଚୟ ଆନନ୍ଦ ପାଇଛି। କେହି ଜଣେ ମତେ ଦୟାକରି ବସିବାକୁ ଦେଲେ ମୁଁ ଯେତିକି ଖୁସି ହୁଏ ଆଜି ଜଣକୁ ବସିବାର ସୁଯୋଗ ଦେଇ ମୁଁ ବେଶି ଖୁସି।' ବାସ୍ତବରେ ଏ ଜୀବନ ବହି। କାହାଠାରୁ ଛଡ଼େଇ ଆଣିଲେ ଯେତିକି ସୁଖମିଳେ, କାହାକୁ କିଛି ଦେଇଦେଲେ ବହୁ ସୁଖ ମିଳେ। ଯୋଉଁମାନେ ଦେଇଥିବେ ସେ ଅନୁଭବ ସେମାନଙ୍କର ଥିବ। କୌଣସି ମହାପୁରୁଷ କହିନାହାନ୍ତି, ଛଡ଼େଇ ଆଣି ଉପଭୋଗ କରିବାକୁ। ସମସ୍ତେ କହିଛନ୍ତି ଦେବାକୁ। ତ୍ୟାଗକରିବାକୁ। ତ୍ୟାଗରେ ଶାନ୍ତିମିଳେ। କିନ୍ତୁ ଆମ ମୂର୍ଖାମିରେ ଆମେ ଭୋଗରେ ଶାନ୍ତି ଖୋଜୁଛୁ। ଭୋଗରେ ତ ରୋଗ ମିଳିବ। ଆବଶ୍ୟକତା ଠାରୁ ଅଧିକ ଲୋଡ଼ିବା ହିଁ ଲୋଭ। କେବେ ବି ପରୀକ୍ଷା କରି ଦେଖନ୍ତୁ। ଅନ୍ୟ ପାଇଁ ସୁଖ ଚାହୁଁଥିବା ଲୋକ ହିଁ ଆପେ ଆପେ ସୁଖୀ ହେଇଯାଏ। କୌଣସି ଦୁଃଖୀ ଓଠରେ ଥରେ ହସ ଫୁଟାଇବାକୁ ଚେଷ୍ଟାକଲେ, ନିଜ ଓଠରେ ହସ ଉଙ୍କିମାରେ। ସେଥିପାଇଁ ବିଶ୍ୱ ସଂସ୍କୃତିରେ ଦାନ, ଧର୍ମ କରିବାର ବ୍ୟବସ୍ଥା ରହିଛି।




# ନବୀନ ସରକାର ଅନୁସୂଚୀତ ଜାତି ଓ ଜନଜାତି ବିରୋଧି




ଭୁବନେଶ୍ୱର :ଓଡ଼ିଶା ଜନସଂଖ୍ୟାର ୪୦ ଭାଗ ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତି ଲୋକ। ସଂବିଧାନର ଧାରା ୪୬ ମୁତାବକ ଏହି ବର୍ଗର ସାମାଜିକ, ଆର୍ଥିକ ଓ ଶୈକ୍ଷିକ ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ନର୍ଦ୍ଦେଶ ରହିଛି। ଏତଦ୍ ବ୍ୟତୀତ ୧୪୭ ଗୋଟି ବିଧାନସଭା ଆସନ ମଧ୍ୟରୁ ଓଡ଼ିଶାର ୫୭ ଗୋଟି ବିଧାୟକ ଏବଂ ୨୧ ଗୋଟି ଲୋକସଭା ଆସନରୁ ୮ ଗୋଟି ସାଂସଦ ଏହି ବର୍ଗରୁ ନିର୍ବାଚିତ ହୋଇଛନ୍ତି। ଆମ ରାଜ୍ୟର ୩୦ ଗୋଟି ରାଜସ୍ୱ ଜିଲ୍ଲାରେ ୩୦ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ୩୧୪ ଗୋଟି ବ୍ଲକରେ ଡବ୍ଲୁ.ଇ.ଓ ଙ୍କ ସମେତ ୨୨ ଗୋଟି ଆଇ.ଟି. ଡି.ଏ ବିଭିନ୍ନ ଆଦିବାସୀ ଅଧ୍ୟୁସିତ ଜିଲ୍ଲାମାନଙ୍କରେ କାର୍ଯ୍ୟରତ, ଏବଂ ଏହି ୪୦ ଭାଗ ଲୋକଙ୍କର ସାମଗ୍ରିକ ବିକାଶ ପାଇଁ ଗଦା ଗଦା ଯୋଜନା ହେଉଛି, କିନ୍ତୁ ଏମାନଙ୍କର ବିକାଶ ହୋଇପାରୁ ନାହିଁ। ଯୋଜନାର ଅର୍ଥ ବାଟମାରଣା ହେଉଛି। ଦାୟୀତ୍ୱରେ ରହୁଥିବା ବାବୁ ମାନେ ମାଲେ ମାଲ ହୋଇ କେବଳ ଫଟୋ ଉଠାଇ, କାଗଜ ସର୍କୁଲାରରେ ପ୍ରଚାର ସର୍ବସ୍ୱ ବିକାଶ କରିଚାଲିଛନ୍ତି। ଅନ୍ୟ ପକ୍ଷରେ ଅନୁସୂଚୀତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ରହିଥିବା ସରକାରୀ ଯୋଜନା ଓ ଆଇନ ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସମୀକ୍ଷା କରି ପ୍ରତିକାରାତ୍ମକ ପଦକ୍ଷେପ ପାଇଁ ରହିଥିବା ଟି.ଏ.ସି, ଅନୁସୂଚୀତ ଜାତି କଲ୍ୟାଣ ବୋର୍ଡ ଓ ଭିଜିଲାନ୍ସ ମନିଟରିଂ କମିଟି ଗୁଡ଼ିକୁ ଏ ସରକାର ଦୀର୍ଘ ବର୍ଷ ହେବ ଗଠନ କରୁନାହାଁନ୍ତି। ରାଜ୍ୟରେ ସାଂବିଧାନିକ ନିର୍ଦ୍ଦେଶକୁ ବେଖାତିର କରି ଚାଲିଥିବା ନବୀନ ସରକାର ସଂବିଧାନର ୫ମ ସିଡୁଲ ଅନୁଯାୟୀ ଧାରା ୨୪୪ (୧) ରେ ନିର୍ଦ୍ଦେଶ ସତ୍ୱେ ଆଦିବାସୀ ଉପଦେଷ୍ଟା ପରିଷଦ (ପ୍ରତିବର୍ଷ ଗଠନ ହେବା କଥା), ଉପଦେଷ୍ଟା ବୋର୍ଡ ରୁଲ ୧୯୫୭ (୪) ମୁତାବକ- ଅନୁସୂଚୀତ ଜାତି ଉପଦେଷ୍ଟା ବୋର୍ଡ (ଗତ ୨୦୧୪ ରୁ ଗଠନ ହୋଇନି), ଅନୁସୂଚୀତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ନିୟମ ୧୯୯୫ (୧୬) ଅନୁଯାୟୀ ଉଚ୍ଚସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିର ବୈଠକ ୨୦୧୪ ମସିହାରୁ ହୋଇନାହିଁ।ସେହିପରି ଜଙ୍ଗଲ ଅଧିକାର ଆଇନ କମିଟି ଏବଂ ଟ୍ରାଇବାଲ ସବ ପ୍ଲାନ ଓ ଅନୁସୂଚିତ ଜାତି କମ୍ପୋନେଟ ପ୍ଲାନର ମନିଟରିଂ କମିଟି ଗୁଡ଼ିକ ମଧ୍ୟ ଓଡ଼ିଶା ସରକାରରେ କାର୍ଯ୍ୟ କରୁନାହିଁ । ମୁଖ୍ୟମନ୍ତ୍ରୀ ସବୁବେଳେ ୪ କୋଟି ଓଡ଼ିଆକୁ ନିଜ ପରିବାର ସଦସ୍ୟ ବୋଲି ଡିଣ୍ଡିମ ପିଟୁଥିବା ବେଳେ ବିଭିନ୍ନ ଗଣ ସଂଗଠନ ଓ କଂଗ୍ରେସ ଦଳ ତରଫରୁ ବାରମ୍ବାର ଦାବି କରାଯାଇଥିଲା ବେଳେ ଏହିସବୁ କମିଟି ଗଠନ ପାଇଁ ସାମ୍ବିଧାନିକ ନିର୍ଦ୍ଦେଶକୁ ତାଙ୍କ ସରକାର ବେଖାତିର କରିଚାଲିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ଜଣେ ରାଜ୍ୟ ପାହ୍ୟା ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇ ସଂବିଧାନର ଧାରା ୧୬୪ (କ) ର ଉଲଂଘନ କରିଛନ୍ତି। ସେହିପରି ବିଧାନ ସଭା ଓ ଲୋକସଭାରେ ଏହି ବର୍ଗ ନିମିତ ଆସନ୍ତା ୨୦୩୦ ପର୍ଯ୍ୟନ୍ତ ଆସନ ସଂରକ୍ଷଣ ପାଇଁ ସଂବିଧାନ ଧାରା ୩୩୪ର ସଂଶୋଧନ ବିଲ ଗତ ୨୦୨୦ ମସିହାରେ ସଂସଦରେ ପାସ ହେଲାପରେ ଓଡ଼ିଶା ବିଧାନ ସଭାରେ ଏହାକୁ ଅନୁମୋଦିତ (ରେଟିଫାଏ) କରାଗଲା ନାହିଁ। ରାଜ୍ୟ ସରକାର ଏବଂ ରାଜ୍ୟ ବିଧାନସଭା ଏହି ସଂବିଧାନ ସଂଶୋଧନ ବେଳେ ସେମାନଙ୍କ ଦାୟିତ୍ୱ ଭୁଲିଯାଇଛନ୍ତି। ଫଳରେ ରାଜ୍ୟରେ ୫୭ ସଂରକ୍ଷିତ ବିଧାୟକ ଥାଇ ମଧ୍ୟ ସରକାରୀ ଦଳର ଅପାରଗତା ଓ ଅଜ୍ଞତା ପାଇଁ ଓଡ଼ିଶା ବିଧାନସଭାରେ ଏହା ପାରିତ ହୋଇପାରିନାହିଁ। ଯଦି ଓ ଦେଶର ଅନ୍ୟବିଧାନ ସଭା ଗୁଡ଼ିକ ଦ୍ୱାରା ଅନୁମୋଦନ ହୋଇ ଏହା ରାଟିଫାଏ ହେବା ପରେ ଆଇନ ହୋଇଛି। ଗତ ୨୦୦୦ ମସିହାରୁ ଓଡ଼ିଶା ସଂରକ୍ଷଣ ଆଇନ ୧୯୭୫ର ସଂଶୋଧନ ବିଲ ବିଧାନ ସଭାରେ ପାରିତ ନ ହୋଇ ଗତ ୨୦ ବର୍ଷ ଧରି ଆଇନ ବିଭାଗରେ ପଡ଼ିରହିଛି। ଦେଶର ପ୍ରାୟ ୧୫ ଗୋଟି ଅନୁସୂଚୀତ ଜାତି ଓ ଜନଜାତି ବହୁଳ ରାଜ୍ୟରେ କେନ୍ଦ୍ରୀୟ ଢ଼ାଂଚାରେ ରାଜ୍ୟସ୍ତରୀୟ ଆୟୋଗ ଗଠନ ହୋଇଥିବା ବେଳେ ଓଡ଼ିଶାରେ ଏହି ବର୍ଗର ଜନ ସାଧାରଣଙ୍କ ଦାବିକୁ ନବୀନ ସରକାର କର୍ଣ୍ଣପାତ କରୁନାହାଁନ୍ତି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ




ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ । ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆ

କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ । ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ । ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ?ନ ବ୍ୟବସ୍ଥା ପ୍ରଭାବିତ ହେବ । ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ?ଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଡା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଡେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ ।

# ନୀଳାଦ୍ରିବିହାର ଠାରେ କୁମାର ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କଲେସାଂସଦ ଓ ବିଧାୟକ



ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱର (ଉ ର) ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ବିଏମ୍‌ସି ର ୧୪ ନମ୍ବର ୱାର୍ଡରେ ରହୁଥିବା ବେଣୁଧର ଭୋଳ ଓ ମିନତୀ ଭୋଳଙ୍କ ସୁପୁତ୍ର କୁମାର ବିଶ୍ୱରଞ୍ଜନ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉ ର୍ତ୍ତୀ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ହେଉଥିବା ଏହି ପରୀକ୍ଷାରେ ୧୮୨ ତମ ସ୍ଥାନରେ ରହି ଓଡିଶା ପାଇଁ ଗର୍ବ, ଗୌରବ ଓ ସମ୍ମାନ ଆଣିଛନ୍ତି। ଏଭଳି ସଫଳତା ପରେ ନବ ନର୍ବାଚିତ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର (ଉ ର) ପୂର୍ବତନ ବିଧାୟକ ତଥା ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ନାରୀ ନେତ୍ରୀ ତଥା ସମାଜସେବୀ ଶ୍ରୀମତୀ ରୋଜାଲିନ୍ ପାଢଶାଣୀ ଓ ସ୍ଥାନୀୟ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ସଭାପତି ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଧାରଣ ସଂପାଦକ ଓ ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପ୍ରମୁଖ ତାଙ୍କ ବାସଗୃହକୁ ଯାଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶ୍ରୀ ସୁଜିତ୍ କୁମାର ଏହି ପରିପ୍ରେକ୍ଷିରେ କହିଛନ୍ତି ଯେ ବିଶ୍ୱରଞ୍ଜନଙ୍କ ସଫଳତା କେବଳ ଭୁବନେଶ୍ୱର ନୁହେଁ ସାରା ରାଜ୍ୟ ପାଇଁ ଗୌରବର ବିଷୟ। ନିମ୍ନ ମଧ୍ୟବି ପରିବାର ପିଲା କଠିନ ପରିଶ୍ରମ କରି କିଭଳି ସଫଳତାର ଶୀର୍ଷରେ ପହ୍ ହୁଏ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି କୁମାର ବିଶ୍ୱରଞ୍ଜନ। ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ କିଭଳି ସଫଳତା ପାଇବା ପାଇଁ ଅର୍ଥ ଓ ଆଡମ୍ବରପୂର୍ଣ୍ଣ ଜୀବନଯାପନ ଆବଶ୍ୟକ ନୁହେଁ ତହାର ଏକ ଅନନ୍ୟ ଦୃଷ୍ଟାନ୍ତ କୁମାର ବିଶ୍ୱରଞ୍ଜନ। ନାରୀ ନେତ୍ରୀ ଶ୍ରୀମତୀ ରୋଜାଲିନ୍ ଆଗମୀ ଦିନରେ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏବଂ ଅର୍ଥାଭାବରୁ ଯେଭଳି ପାଠପଢାରେ କୌଣସି ବାଧା ନ ଉପୁଜେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ କରି ଏହାକୁ ଦୃଷ୍ଟି ଦେବା ଆବଶ୍ୟକ ବୋଲି ତାଙ୍କ ମନ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଡ. ପ୍ରକାଶ ଓ ସାଧାରଣ ସଂପାଦକ ଓ ସମାଜସେବୀ ବିଶ୍ୱଜିତ୍ ଏହା ଆମ ଅ ଳ ନୀଳାଦ୍ରିବିହାରକୁ ରାଜ୍ୟରେ ପରିଚିତ କରାଇବା ପାଇଁ ଅତ୍ୟନ୍ତ ସହାୟକ ହେବ ଓ ଏହା ଆମ ପାଇଁ ସମ୍ମାନ ଓ ଗୌରବର ବିଷୟ ଅଟେ। ପିତା ମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁଙ୍କ ପରାମର୍ଶ ଏବଂ ନିଜର ନିଷ୍ଠାପର ଉଦ୍ୟମ ପାଇଁ ଆଜି ସେ ସଫଳତାର ଶୀର୍ଷରେ ପହ ପାରିଛନ୍ତି। ଏହାକୁ ଆଧାର କରି ଆଗମୀ ଦିନରେ ସମାଜରେ ବସବାସ କରୁଥିବା ସାଧାରଣ ଲୋକ, ଦରିଦ୍ର ଓ ନିଷ୍ପେଷିତ ଲୋକଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଆମର ଆଶା ଓ ବିଶ୍ୱାସ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ଦେହୁରୀ, ଗୋବିନ୍ଦ କୁମାର, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କୁମାର ବିଶ୍ୱ ରଞ୍ଜନ ତାଙ୍କ ମନ୍ତବ୍ୟରେ ସେ ପଢୁଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପିତାମାତା ଓ ସ୍ଥାନୀୟ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ସହଯୋଗ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହୁଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଂ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଂ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦ୍ଧୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ମୃତ୍ୟୁକ୍ଷେତ୍ର : ଧର୍ମଘଟ ଓ ଟ୍ରାଫିକ୍ ଜାମ୍

ଭୁବନେଶ୍ୱର (ପିଏନ୍): ଏକ ଛାତିଥରା ଘଟଣାକ୍ରମରେ ନିକଟଅତୀତରେ ଭୁବନେଶ୍ୱରର ପ୍ରମୁଖ ଗହଳି ଅଞ୍ଚଳ ନାଲକୋ ଛକରେ ଏକ ଆମ୍ବୁଲାନ୍ସ ଟ୍ରାଫିକ ଭିଡ଼ରେ ଫସି ତା' ଭିତରେ ଥିବା ଜଣେ କୋମଳମତି ଶିଶୁର ଜୀବନ ଚାଲିଗଲା। ସରକାରଙ୍କ ଉନ୍ନତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାର ଏହା ଏକ ନଗ୍ନ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ପିଲାଟିର ଅମୂଲ୍ୟ ଜୀବନଦୀପଟି ଲିଭିଗଲା। ଭୁବନେଶ୍ୱର ଟ୍ରାଫିକ ପୋଲିସ ଯେତେବେଳେ ବିନା ହେଲମେଟଧାରୀ ଗାଡ଼ିଚାଳକ ଓ ରଙ୍ଗରୁଟ୍‌ବାଲାଙ୍କ ପାଇଁ ଅତ୍ୟନ୍ତ କଠୋର ହେଉଛି ସେହି ସମୟରେ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଦାୟିତ୍ୱକୁ କିପରି ଅଣଦେଖା କରୁଛି ? କିଛିଦିନ ତଳେ ରଙ୍ଗରୁଟ୍‌ରେ ଆସୁଥିବା ଜଣେ ମହିଳାଙ୍କ ଆକୁତିଭରା ଟ୍ରାଫିକବାବୁଙ୍କୁ ଚାବି ଫେରାଇବାକୁ ନିବେଦନର ଭିଡ଼ିଓ ସୋସିଆଲ ସାଇଟରେ ଆଲୋଡ଼ନ ସୃଷ୍ଟି କରିଥିଲା। ନିଷିଦ୍ଧ ରାସ୍ତାରେ ଗାଡ଼ି ଚଲାଇ ଏହି ମହିଳା ଜଣଙ୍କ ଘରେ ତାଙ୍କ ପିଲାଟିକୁ ଛାଡ଼ି ଆସିଥିବାର ଦୁଃଖଦ କଷ୍ଟ ବି ସେ ପୋଲିସବାବୁଙ୍କୁ କହୁଥିଲେ ବି ତାଙ୍କ ଭିତରେ କିନ୍ତୁ ତିଳେମାତ୍ର ଦୟାମାୟା ନଥିଲା। ଏହିପରି ଘଟଣା ନିୟମିତ ଘଟୁଛି। ଟ୍ରାଫିକ ଜାମ ପରି ଧର୍ମଘଟ ମଧ୍ୟ ଆଜିର ସମୟରେ ଆମ ଜନଜୀବନର ବ୍ୟବସ୍ଥାକୁ ଦିନକୁ ଦିନ ଦୁର୍ବିସହ କରିଦେଉଛି। ଧର୍ମଘଟ ପ୍ରସଙ୍ଗ ଆଲୋଚନା କଲାବେଳେ ଦିଲ୍ଲୀ ସାଇନବାଗର ସିଏଏ ବିରୋଧୀ ଆନ୍ଦୋଳନକାରୀ-ମାନେ ରାସ୍ତା ଅବରୋଧ କରିପାରିବେନି ବୋଲି ମାନ୍ୟବର ସୁପ୍ରିମକୋର୍ଟ କଡ଼ା ଅସନ୍ତୋଷରେ କହିଛନ୍ତି। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ମାଆ ତାଙ୍କ ଚାରିମାସର ଶିଶୁକୁ ଧରି ଆନ୍ଦୋଳନରତ ଥିଲେ ଓ ପରେ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ମାନ୍ୟବର କୋର୍ଟ ପ୍ରଶ୍ନ କରିଥିଲେ ଯେ ଚାରିମାସର ଶିଶୁ କ'ଣ ଆନ୍ଦୋଳନରେ ଅଂଶଗ୍ରହଣ କରିପାରିବ କି ? ସରକାରୀ କ୍ଷେତ୍ର, ବେସରକାରୀ ସଂଗଠନ ଓ ସରକାରଙ୍କ ବିଭିନ୍ନ ଉଦ୍ୟୋଗଠାରୁ ସବୁ କ୍ଷେତ୍ରରେ ନିଜ ଦାବି ଓ ମତ ଉପସ୍ଥାପନ ପାଇଁ ଧର୍ମଘଟର ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ପ୍ରସଙ୍ଗରେ ଧର୍ମଘଟର ଅବଧି ମାସ ମାସ ପର୍ଯ୍ୟନ୍ତ ଲମ୍ବିଯାଉଛି। ଧର୍ମଘଟ ସମୟରେ ରାଜପଥ ଅବରୋଧ ହୋଇ ମାଲ ପରିବହନ କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥାଏ। ଟନ ଟନ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହ ଜାଳେଣି ଗ୍ୟାସ ଓ ପେଟ୍ରୋଲର ଟ୍ୟାଙ୍କର ଅଟକି ସ୍ଥାନୀୟ ଅଞ୍ଚଳରେ ଖାଉଟିଙ୍କ ଅସନ୍ତୋଷକୁ ତୀବ୍ର ରୂପ ନେଇଥାଏ ମଧ୍ୟ। ଧର୍ମଘଟରେ ଅଭାବନୀୟ ଘଟଣା ବେଳେ ବେଳେ ଦେଖିବାକୁ ମିଳିଥାଏ। ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବା ସହ ଲୁଟପାଟ ମଧ୍ୟ ହୋଇଥାଏ। ସେହିପରି ବେସରକାରୀ କ୍ଷେତ୍ରରେ କ୍ଷତିର ତାଲିକା ଆହୁରି ଲମ୍ବିଥାଏ। ଧର୍ମଘଟ ପାଇଁ ଆମ୍ବୁଲାନ୍ସକୁ ବି ଠପ୍ କରିଦିଆଯାଏ। ମୁମୂର୍ଷୁ ରୋଗୀଟିର ଜୀବନଦୀପ ଲିଭିଯାଏ। ଟ୍ରେନ୍ ଅଟକି ରହେ ଯାହାଦ୍ୱାରା ନିଯୁକ୍ତି ପତ୍ର ପାଇଥିବା ପିଲାଟି ଚାକିରୀରେ ଯୋଗ ଦେବାରୁ ବଞ୍ଚିତ ହୋଇଥାଏ। ଏହିପରି ଅନେକ କ୍ଷତି ଧର୍ମଘଟର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦେଖିବାକୁ ମିଳିଥାଏ। ଆଉ ଧର୍ମଘଟ ବା ବନ୍ଦ ଡାକରାରେ ସାଧାରଣ ଖଟିଖିଆମାନେ କ୍ଷତିଗ୍ରସ୍ତ ହୋଇଥା'ନ୍ତି। ସେମାନଙ୍କ ଚୁଲି ଜଳିବା ବି ସମ୍ଭବ ହୋଇନଥାଏ। ପ୍ରଶ୍ନ ଉଠେ ଯେ ଧର୍ମଘଟ ବା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ସଂଗଠିତ ହୋଇଥାଏ ବୋଲି ଦାବି କରାଯାଇଥାଏ, ହେଲେ ବାସ୍ତବିକ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଭିନ୍ନ। ଆଉ ଧର୍ମଘଟରେ ଯଦି ସରକାରୀକଳର ସମର୍ଥନ ଥାଏ ତାହାହେଲେ ତ' ଅବସ୍ଥା ମୁସ୍କିଲ୍। ଧର୍ମଘଟକୁ ତୀବ୍ର ବିରୋଧ କରାଯାଇ ଏଥିନେଇ ନ୍ୟାୟାଳୟ ଏହା ଉପରେ ଅନେକ ସମୟରେ ରୋକ୍ ଲଗାଇଛନ୍ତି। ହେଲେ ଧର୍ମକୁ ଆଖିଠାର ମାରିଲା ପରି ନ୍ୟାୟାଳୟର ଗୁରୁତ୍ୱପୂର୍ଣ୍ଣ ରାୟକୁ ଅଳିଆ ଗଦାରେ ଏକପ୍ରକାର ଫୋପଡାଯାଇ ଧର୍ମଘଟ ଚାଲୁଛି।

ବିଭିନ୍ନ ସମୟରେ ଦେଶର ପ୍ରମୁଖ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତବନ୍ଦ ଡାକରା ଦିଆଯାଉଛି। ଆମ ରାଜ୍ୟର କେତେକ ସ୍ଥାନରେ ବି ଏହାର ପ୍ରଭାବ ଅନୁଭୂତ ହୋଇଛି। କଟକ-ଭୁବନେଶ୍ୱର ଭଳି ମହାନଗରୀରେ ବସ୍, ଅଟୋ ଇତ୍ୟାଦି ଯାତ୍ରୀ ଯାନବାହନ ଚଳାଚଳ ବନ୍ଦ ରହିବା ଦ୍ୱାରା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପେଟ୍ରୋଲପମ୍ପ ବନ୍ଦ ଥିବାରୁ ସେମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ବ୍ୟାଙ୍କ ବନ୍ଦ ରହିଥିବାରୁ ଟଙ୍କାପଇସା କାରବାର କରାଯାଇପାରୁନାହିଁ। ଗୋଟିଏ କଥାରେ କହିଲେ ଦେଶର ପ୍ରମୁଖ ଅଞ୍ଚଳଗୁଡ଼ିକରେ ବନ୍ଦ ପ୍ରଭାବରୁ ଲୋକେ ଅସୁବିଧା ଭୋଗୁଛନ୍ତି। ତେବେ ବଡ଼ ପ୍ରଶ୍ନ ହେଉଛି, ଏ ଦେଶବ୍ୟାପୀ ଧର୍ମଘଟ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ପ୍ରତି ସରକାର କ'ଣ ଧ୍ୟାନ ଦେବେ? ଯେଉଁ ସମସ୍ୟା ରହିଛି, ତା'ର ସମାଧାନ କରିପାରିବେ? ଭାରତର ଅର୍ଥବ୍ୟବସ୍ଥା ଏବେ ଯେଉଁ ସ୍ଥିତିରେ ରହିଛି, ସେଥିରେ ଏଭଳି ଧର୍ମଘଟର କୁପ୍ରଭାବ ବହୁ ସମସ୍ୟାକୁ ଜନ୍ମଦେବ ସିନା ସମସ୍ୟା ନିବାରଣରେ ସାହାଯ୍ୟ କରିପାରିବ ନାହିଁ। ତେଣୁ ଯେଉଁମାନେ ଧର୍ମଘଟ କରୁଛନ୍ତି, ସେମାନେ ଏଥିନେଇ ବହୁବାର ଚିନ୍ତା କରିବାର ଆବଶ୍ୟକତା ରହିଛି। ଏପରିସ୍ଥଳେ ଧର୍ମଘଟ ଅର୍ଥନୀତି ପାଇଁ ଦିନକୁ ଦିନ ଘାତକ ସାବ୍ୟସ୍ତ ହେଉଛି। ସବୁଠୁ ବଡ଼ ଚିନ୍ତାର ବିଷୟ ହେଉଛି ବିଭିନ୍ନ କ୍ଷେତ୍ରରେ ବିଦେଶୀ ପୁଞ୍ଜି ଲଗାଣ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ସେପରି ହେଲେ ଅର୍ଥବ୍ୟବସ୍ଥା ଉପରେ ତା'ର ସିଧାସଳଖ କୁପରିଣତି ଦେଖିବାକୁ ମିଳୁଛି। ଏଥିନେଇ ସତର୍କ ହେବା ଜରୁରୀ। ଧର୍ମଘଟକାରୀମାନେ କେବଳ ସରକାରଙ୍କ ଧ୍ୟାନ ଆକର୍ଷଣ ପାଇଁ ଯେତିକି କରିବା କଥା କରନ୍ତୁ, ନଚେତ୍ ଏହା ଆମ ସଭିଙ୍କ ପାଇଁ ଦୁଃସମ୍ବାଦ ନେଇ ହିଁ ଆସିବ।

# ନୂଆଖାଇ କୃଷିଭିତିକ ଏକ ମହାନ୍ ପର୍ବ

ଖୋର୍ଦ୍ଧା (ପିଏନ୍): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ମାନ୍ୟବର ଭାରତର ପ୍ରଧାନ ମନ୍ତ୍ରୀ ଓ ଓଡିଶାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଷାନୁସାରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ନୂଆଁଖାଇ- ୨୦୨୧ ପାଳନ କରାଯାଇଛି। ମୂଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ ଯୋଗ ଦେଇ କହିଥିଲେ ଚଳିତ ବର୍ଷ ଆମ ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଉପଲକ୍ଷେ ଆମ ସରକାର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଏହିପରି କାର୍ଯ୍ୟକ୍ରମ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗ ତରଫରୁ ସମସ୍ତ ଜିଲ୍ଲା ସଦର ମହକୁମାରେ ପାଳନ କରାଯାଉଛି। ଏକଧାରାରେ ଏହି ନୂଆଁଖାଇ ପର୍ବ କୃଷିଭିତ୍ତିକ, ସାମାଜିକ ଓ ସାଂସ୍କୃତିକ ପର୍ବ। ଆମ ଦେଶର ସଂସ୍କୃତି ସମଗ୍ର ଦେଶରେ ଅନନ୍ୟ ଆମ ଦେଶ ସମସ୍ତିଙ୍କର ମାର୍ଗଦର୍ଶକ ଭାବେ ବିଶ୍ୱରେ ଖ୍ୟାତି ଅର୍ଜନ କରିଛି। ତେଣୁ ଆମେମାନେ ଗର୍ବିତ। ଆମ ସନାତନ ସଂସ୍କୃତି ସମସ୍ତ ଦେଶ ତଥା ବିଶ୍ୱପାଇଁ ଗବାକ୍ଷ ସଦୃଷ। ଆମ ଦେଶର ଐତିହ୍ୟ, ନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆନ୍ତର୍ଜାତିକ ସ୍ତରରେ ସୁଖ୍ୟାତି ଅର୍ଜନ କରିଛି। ତେଣୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ମାନ୍ୟବର ମୂଖ୍ୟମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୂଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସଂସ୍କୃତି ଗବେଷକ ଗୋପାଳକୃଷ୍ଣ ଦାସ ଯୋଗଦେଇ କହିଥିଲେ ନୂଆଖାଇ ଏକ କୃଷିଭିତିକ ପର୍ବ। କୃଷକ ମାନେ ଆମ ଦେଶର ମେରୁଦଣ୍ଡ। ପଶ୍ଚିମାଂଚଳର ଏହା ଏକ ଗଣପର୍ବ ଭାବେ ପାଳନକରାଯାଏ ଏବଂ ସମଗ୍ର ଦେଶକୁ ଭାଇଚାରାର ବାର୍ତ୍ତା ଦେଇଥାଏ। ସମ୍ମାନୀତ ଅତିଥି ଭାବେ ପ୍ରଫେସର୍ ଡଃ ନାରାୟଣ ରାଓ ଯୋଗଦେଇ ନୂଆଖାଇର ନଅଟି ପର୍ଯ୍ୟାୟ ବିଷୟରେ ଆଲୋକପାତ କରିବାସହ ଏହାଏକ ଭେଟଘାଟର ପର୍ବବୋଲି ଅଭିହିତ କରିଥିଲେ। ସମ୍ମାନିତ ବକ୍ତାଭାବେ ଯୋଗଦେଇ ବିଶିଷ୍ଟ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ ଏହା ଏକ କୃଷିଭିତିକ ପର୍ବ ଏବଂ କୃଷିପାଇଁ ଅଙ୍ଗିକାର ବଦ୍ଧତା ଏହି ପର୍ବର ଅନ୍ତସ୍ୱର। ଗାଁ ମାଟିପାଇଁ ମମତ୍ୱବୋଧ ତଥା ବିବିଧତ୍ୱ ମଧ୍ୟରେ ଏକତ୍ୱର ପ୍ରତିଷ୍ଠା ହେଉଛି ଏହାର ମୂଳ ଲକ୍ଷ। ଏହି ଆଦର୍ଶକୁ ନେଇ ପାଳିତ ହେଉଥିବା ପର୍ବଟି ହେଉଛି ନୂଆଁଖାଇ। ଏହି ନୂଆଁଖାଇ ପର୍ବ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ପାଟଣାଗଡ ଅଂଚଳର ଚୌହାନ ରାଜବଂଶର ରମାଇ ଦେଓ ଙ୍କ ଶାସନକାଳରୁ ଆରମ୍ଭ ହୋଇଥିବାର ଐତିହାସିକ ମାନେ ମତ ଦିଅନ୍ତି। ଓଡିଶାର ଜନଜୀବନ ସହିତ ଏହାର ଘନିଷ୍ଠ ସମ୍ପର୍କ ରହିଛି ବୋଲି ପ୍ରସାଦ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ, ଭୀମସେନ ପ୍ରଧାନ, ଜିଲ୍ଲା କଳାସଂସ୍କୃତି ସଂଘର ଉପସଭାପତି ରାମଚନ୍ଦ୍ରକର, ଶ୍ୟାମ ସିନ୍ଧୁର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା କଳା,ସଂସ୍କୃତି,ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଲୋକସମ୍ପର୍କ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇମାମି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର (ପିଏନ୍)-ବାଲଗୋପାଳପୁର ସ୍ଥିତ ଇମାମି କାଗଜ କଳରେ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଉତ୍ତରପ୍ରଦେଶର ଆତ୍ମାରାମ ଦିଭେ୍ୱଦି (୩୮)। ସେ କାରଖାନାର ୩ ନମ୍ବର କାଗଜ କଳ ସିପ୍ଟ ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ଚାପରେ ରହୁଥିବା ଆତ୍ମାରାମ ମୃତ୍ୟୁ ପୂର୍ବରୁ ଆଭାସି ମାଧ୍ୟମରେ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ଭିତର ପଟୁ କବାଟ ବନ୍ଦ କରି ପଙ୍ଖାରେ ଲୁଗା ବାନ୍ଧି ଝୁଲି ପଡ଼ିଥିଲେ।

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଜୁନ ୨୬ ତାରିଖକୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତା'ର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଯଥା - (୧) ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। (୨) ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ (ଧର୍ଷଣ, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ। ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧାୟ: ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶାଦ୍ରବ୍ୟର ବ୍ୟବହାର: ଭାରତରେ ନିଶାଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏହା ସୂଚନାଯୋଗ୍ୟ ବର୍ତ୍ତମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

## ୨୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଗିରଫ ହେଲେ ନିରଞ୍ଜନ

କେନ୍ଦ୍ରାପଡ଼ା (ପିଏନ୍):୨୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ହୋଇଛି ଠକ ନିରଞ୍ଜନ ସାହୁ। ଅଭିଯୋଗ ଅନୁଯାଇ ଟାଉନ ଥାନା ଅନ୍ତର୍ଗତ ବଡହାଟ ମୌଜାର ସୁରେଶ ମର୍ଦ୍ଦରାଜଙ୍କ ଠାରୁ ଚାଟରାପାଟଣା ଗ୍ରାମର ନିରଞ୍ଜନ ସାହୁଙ୍କ ଠାରୁ ଧାରସୁତ୍ରରେ ଚୁକ୍ତି କରି ଅର୍ଥ ନେଇଥିଲେ ନିରଞ୍ଜନ। କିନ୍ତୁ ସେହି ଟଙ୍କା ଫେରାଇବାର ନାଁ ଗନ୍ଧ ଧରି ନଥିଲେ। ଉଧାର ଟଙ୍କା ଫେରସ୍ତ ମାଗିବାରୁ ନିରଞ୍ଜନ ବ୍ୟବସାୟୀ ସୁରେଶ ଓ ତାଙ୍କ ପତ୍ନୀଙ୍କୁ ଧମକଚମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସୁରେଶ ଟାଉନ ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୧୬୧/୨୧ରେ ଆଇ.ପି.ସି.ର ଧାରା ୩୪୧, ୩୨୩, ୨୯୪, ୩୫୪(ବି), ୩୭୯, ୪୧୯, ୪୨୦, ୪୦୭, ୫୦୬ ଓ ୧୩୮ ଦଫାରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। କିନ୍ତୁ ନିରଞ୍ଜନ ଫେରାର ହୋଇଯାଇଥିଲା। ଏକ ବିଶେଷ ସୁତ୍ରରୁ ଖବର ପାଇ ପୋଲିସ ନିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସର ସୂଚନା ଅନୁଯାୟୀ ନିରଞ୍ଜନ ନାମରେ ପୂର୍ବରୁ ଅନେକ ଗୁଡିଏ ମାମଲା ରହିଛି। ଟିଟୋଲିଙ୍କରେ ସେ ଗିରଫ ହୋଇ ଜେଲ ଯାଇଥିଲା। ତିନିମାସ ଜେଲରେ ରହିବା ପରେ ଜାମିନରେ ଆସିଥିଲା।

## ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ବାଲେଶ୍ୱର (ପିଏନ୍)-ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଆତଙ୍କରାଜ। ତେଲେଙ୍ଗା କଟୁରୀ ସାହାର୍ଯ୍ୟରେ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ଓ ହେଲପରଙ୍କୁ ଆକ୍ରମଣ ଅଭିଯୋଗ। ମାତ୍ର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ୧୦୮ ଆମ୍ବୁଲାନ୍ସର କାଚ ଓ ଟାୟାର ନଷ୍ଟ ହୋଇଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ସୂଚନା ଯୋଗ୍ୟ ଯେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଜଣେ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ସନ୍ଧ୍ୟା ସମୟରେ ରୋଗୀଆଣି ଆସିଥିଲେ। ରୋଗୀ ଜଣକୁ ମା ଓ ଶିଶୁ ବିଭାଗରେ ଛାଡ଼ି ୱାର୍ଡ଼ ଆଗରେ ଛିଡ଼ା ହୋଇଥିବା ବେଳେ ଏକ ଘରୋଇ ଆମ୍ବୁଲାନ୍ସ ନଂ-(ଓଡ଼ି-୦୧ଇ-୬୯୨୦) ଆସିଥିଲା। ସେଥିରୁ ଡ୍ରାଇଭର ଜଣକ ଓହ୍ଲାଇ ୧୦୮ରେ ଥିବା ଡ୍ରାଇଭର ଶଶିକାନ୍ତ ଦାସ ଓ ହେଲପରକୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲା। ଆକ୍ରମଣକାରୀ ଜଣକ ୧୦୮ର ଆଗ କାଚକୁ ତେଲେଙ୍ଗା କଟୁରୀରେ ହାଣିଥିଲା। ପରେ ଟାୟାରକୁ ହାଣି ଥିଲା। ପରେ ଶଶିକାନ୍ତକୁ ଆକ୍ରମଣ କରିବାରୁ ସେ ଓ ହେଲପର ସେଠାରୁ ଦୌଡ଼ି ହସ୍ପିଟାଲ ଫାଣ୍ଡିକୁ ପଳାଇ ଯାଇଥିଲେ। ପୋଲିସ ଆସି ସେଠାରେ ପଡ଼ିଥିବା ଏକ ତେଲେଙ୍ଗା କଟୁରୀ ଓ ଦୁର୍ବୃତର ଜୋତାକୁ ଜବଦ କରିଛି। ଏ ନେଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଶଶିକାନ୍ତ ହସ୍ପିଟାଲ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ପୁଣି ଟେଣ୍ଡର ହାତେଇବା ପାଇଁ ମଞ୍ଜୁଶ୍ରୀ ଓ ସ୍ୱର୍ଣ୍ଣଦେବୀ ଏଜେନ୍ସିର ଉଦ୍ୟମ

ବାଲେଶ୍ୱର (ପିଏନ୍)-ବିଗତ ଦେଢ ବର୍ଷରୁ ଉର୍ଦ୍ଧ୍ୱ ବାଲେଶ୍ୱର ସହରର ପରିମଳ ବ୍ୟବସ୍ଥାର ଠିକା କଟକର ଦୁଇ ଠିକା ସଂସ୍ଥା ମଞ୍ଜୁଶ୍ରୀ ଏବଂ ସ୍ୱର୍ଣ୍ଣଦେବୀ ସର୍ଭିସେସ ଉପରେ ନେସ୍ତ ଥିଲା। ଏହି ଦୁଇ ଠିକା ସଂସ୍ଥାକର ବିପର୍ଯ୍ୟ ପରିଚାଳନା ଯୋଗୁଁ ସହରର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ନିମ୍ନଗାମୀ ହୋଇପଡ଼ିଲା। ସହର ବାସୀ ଅତିଷ୍ଟ ହୋଇପଡ଼ିବାରୁ ବାଲେଶ୍ୱର ସଦର ବିଜେପି ପୌରପାଳିକା ଘେରାଉ କରିବା ସଙ୍ଗେ ସଙ୍ଗେ ପୌରପ୍ରଶାସନକୁ ନୂଆ ଟେଣ୍ଡର ଆଗତ କରିବାକୁ ବାଧ କରିଥିଲା ଏବଂ ଫଳତଃ ପୌରପ୍ରଶାସନ ତା.୨୬.୦୮.୨୦୨୧ରିଖରେ ନୂଆ ଟେଣ୍ଡର ଆଗତ କରିଥିଲା। ଏହି ସ୍ୱାଗତଯୋଗ୍ୟ ପଦକ୍ଷେପ ପାଇଁ ସଦର ବିଜେପି ପ୍ରଶାସନକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହି ଦୁଇ ଠିକା ସଂସ୍ଥା ମଞ୍ଜୁଶ୍ରୀ ଏବଂ ସ୍ୱର୍ଣ୍ଣଦେବୀ ସର୍ଭିସେସକୁ ଆଉଥରେ ନ ଦେବା ପାଇଁ ଅନୁରୋଧ କରିଛନ୍ତି ଏବଂ ଲଟେରୀ ବ୍ୟବସ୍ଥାକୁ ନଯାଇ ଉଚିତ ମୂଲ୍ୟାଙ୍କନ କରାଯାଇ ଯୋଗ୍ୟ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବାର ଆଶା ପ୍ରକଟ କରିଛି।

## ଶ୍ରୀଲିଙ୍ଗରାଜଙ୍କ ସମ୍ପତି ହଡ଼ପ ବିରୋଧରେ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ



ଭୁବନେଶ୍ୱର (ପିଏନ୍): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ହଡ଼ପ ସହ ୪୦କୋଟି ଟଙ୍କା ହଡ଼ପ ଯୋଜନା ବିରୁଦ୍ଧରେ ସ୍ୱର ଉତଳନ କରିଛନ୍ତି ସ୍ଥାନୀୟ ଲୋକ ଓ ସେବାୟତ। ଏନେଇ ସେମାନେ ବିଏମ୍‌ସି କାର୍ଯ୍ୟାଳୟ ଓ ବିଏମ୍‌ସି କମିସନରଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପ୍ରକାଶ ଥାଉକି, ମନ୍ଦିର ଉତର ପାର୍ଶ୍ୱରେ ୧୦୦ମିଟର ଦୂରରେ ଥିବା ଯାତ୍ରୀ ନିବାସ(କୋରାପୁଟ୍ ଭବନ)। ଯାହାର ମୂଳ ମାଲିକ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ମାର୍ଫତ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ। ସେଥିରେ ଅଂଚଳ ବଟୁ, ପତ୍ନୀ ବବିତା ବଟୁ ଏହି ଭୂ-ସମ୍ପତିର ମୂଳ ରେକର୍ଡକୁ ଚଚଂକତା ପୂର୍ବକ ପରିବର୍ତନ କରି ନିଜ ନାମରେ କରବା ସହ ଅଟ୍ଟାଳିକା ନିର୍ମାଣ କରି ଘରୋଇ ଯାତ୍ରୀ ନିବାସରେ ଭଡ଼ା ଲଗାଇ ଅର୍ଥ ଉପାର୍ଜନ କରିଛନ୍ତି। ଏବେ ଏକାମ୍ର ଯୋଜନାରେ ଏହି ଜମିରେ କ୍ଷତି ୪୦କୋଟ ଟଙ୍କାର କ୍ଷତି ପୁରଣ ପାଇଁ ମସୁଧା ଚାଲିଛି। ଏଥି ସହ ଜମି ବଦଳରେ ନୂଆ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ୍ ନିକଟରେ ଜମି ଦେବାକୁ ବିଏମ୍‌ସ ପତ୍ରସଂଖ୍ୟା ୬୯୯୫୩ରେ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଚିଠି କରାଯାଇଛି। କୁହାଯାଇଛି ଯେ, ଟ୍ରଷ୍ଟ ବୋର୍ଡରେ ଅନୁମୋଦନ କରି ଠାକୁରଙ୍କ ୪୬୨ଡିସିମିଲ ତାଙ୍କୁ ପ୍ରଦାନ ପାଇଁ ଚିଠି କରାଯାଇଛି। ଏହା ଦ୍ୱାରା ମହାପ୍ରଭୁଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେବାକୁ ଯାଉଛି। ଶ୍ରୀଲିଙ୍ଗରାଜଙ୍କ ଜମିରେ ଘରୋଇଙ୍କୁ ମିଥ୍ୟା ବିଲ୍ କରାଯାଇ ଶତକଡ଼ା ୯୫ଗୁଣା କ୍ଷତି ପୂରଣ ଦେବାକୁ ବିଏମ୍‌ସି ଯୋଜନା କରିଛି। ଏଥିରେ କିଛି କୁଜି ଓ ପୂର୍ବତନ କର୍ପୋରେଟରଙ୍କ କାରସାଦି ଦ୍ୱାରା ମହାପ୍ରଭୁଙ୍କ କୋଟି କୋଟି ଟଙ୍କା କ୍ଷତି ହେଉଥିବାରୁ ଏହାର ପ୍ରତିବାଦରେ ଏକାମ୍ର ଜନ ଜାଗରଣ ମଂଚ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲା। ମଂଚର ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରୋଜ ମିଶ୍ର, ଗୋପିନାଥ ପ୍ରଧାନ, ମାନସ ପତି, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ରାକେଶ ନାୟକ, ରାଜେନ୍ଦ୍ର କୁମାର ନାଥ,ମୁଲତା ପଟ୍ଟନାୟକ, ବିନୋଦୀନୀ ସେନାପତି, ବିଷ୍ଣୁ ପ୍ରୀୟା ଜେନା, ମାନସୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଘରେ ପଶି କଳାକନା ବୁଲାଇଲେ ଚୋର : ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଚୋରୀ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜୁଇଦାସପୁର ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘରେ କେହିନଥିବାର ସୁଯୋଗରେ ଚୋର ପଶି କଳାକନା ବୁଲାଇ ଦେଇଛନ୍ତି। ସେହି ଗ୍ରାମର ମନୋଜ କୁମାର ବାରିକ ପରିବାର ସହିତ ତାଙ୍କ ଚାକିରୀ ସ୍ଥାନରେ ରୁହନ୍ତି। ତେଣୁ ତାଙ୍କ ଦୁଇ ମହଲା ବିଶିଷ୍ଟ ଘରଟି ଦୀର୍ଘଦିନ ହେବ ତାଲାପଡି ରହିଛି। ତେଣୁ ସେହି ଘରେ କେହି ରହୁନଥିବାର ସୁଯୋଗ ନେଇ ଶନିବାର ରାତିରେ ଦୁର୍ବୃତ କବାଟ ଭାଙ୍ଗି ଘରେ ପଶି ଆଲମାରିରେ ଥିବା ୧୪୪ଗ୍ରାମ ଓଜନର ସୁନା ଗହଣା ସମେତ ନଗଦ ଟଙ୍କା ଚୋରୀ କରିନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପଡୋଶୀଙ୍କ ଠାରୁ ଖବର ପାଇ ମନୋଜ ଗ୍ରାମରେ ପହଞ୍ଚି ଦେଖନ୍ତି ତ ଘର ଭିତରେ ଥିବା ଆଲମାରୀ ଓ ବାକ୍ସ ତଡାଯାଇଥିବା ବେଳେ ସମସ୍ତ ଜିନିଷପତ୍ର ବିକ୍ଷିପ୍ତ ଭାବେ ଏଣେ ତେଣେ ପଡିଛି। କିନ୍ତୁ ନଗଦ ଟଙ୍କା ଓ ସୁନା ଗହଣା ବ୍ୟତିତ ଅନ୍ୟ ଆସବାବପତ୍ର ସୁରକ୍ଷିତ ଥିବା ମନୋଜ କହିଛନ୍ତି। ସଦର ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## କେନ୍ଦ୍ରାପଡା ଜିଲ୍ଲାରେ ୯କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ସୋମବାର ୯ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଗରଦପୁର ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ୨ଜଣ, ମାର୍ଶାଘାଇ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୪ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଓଡିଆରେ ଉଚ୍ଚତର ବିଜ୍ଞାନ ଶିକ୍ଷା ପ୍ରଦାନପାଇଁ ରାଜ୍ୟ ସରକାର ପ୍ରସ୍ତୁତ



ଭୁବନେଶ୍ୱର:ସର୍ବଭାରତୀୟ ଡାକ୍ତରି ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଓଡିଆରେ ଆସୁଥିବାରୁ ଏହାର ମୂଳ ପାଠ୍ୟକ୍ରମ ଭାବରେ +୨ ଓ +୩ ବିଜ୍ଞାନ ଶିକ୍ଷା ଓଡିଆରେ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ଆଗ୍ରହୀ ଅଛନ୍ତି। ବର୍ତ୍ତମାନ ଏହି ଶିକ୍ଷା କେବଳ ଇଂରାଜୀରେ ଦିଆଯାଉ ଥିବାରୁ ଗାଁଗହଳର ଗରିବ ପିଲା ଉପଯୁକ୍ତ ଶିକ୍ଷା ପାଇ ନ ପାରି ଡାକ୍ତର ଓ ଇଂଜିନିୟର ହେବାର ସ୍ୱପ୍ନ ଧୂଳିସାତ ହୋଇଯାଉଛି। ତେଣୁ ଗାଁଗହଳର ମେଧାବୀ ପିଲାମାନଙ୍କପାଇଁ ଓଡିଶା ସରକାର ଖୁବଶୀଘ୍ର ବିଜ୍ଞାନ ବିଷୟ ଓଡିଆରେ ପଢାଇବାପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଉପାଧ୍ୟକ୍ଷା ଡକ୍ଟର ସିପ୍ରା ମଲ୍ଲିକ ଓ ସଦସ୍ୟ ସଚିବ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଉଭୟ ଗଣଶିକ୍ଷା ସଚିବ ଓ ଉଚ୍ଚଶିକ୍ଷା ସଚିବଙ୍କୁ ସାକ୍ଷାତ କରି ଅନୁରୋଧ କରିବା ସହିତ ଏହାର ଆବଶ୍ୟକତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। +୨ ବିଜ୍ଞାନ ଶିକ୍ଷାପାଇଁ ପୁସ୍ତକ ପ୍ରସ୍ତୁତି ଓ ଶିକ୍ଷାଦାନ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବାପରେ ଗଣଶିକ୍ଷା ସଚିବ ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ ଜଣାଇଥିଲେ ଯେ, +୨ ବିଜ୍ଞାନ ବିଷୟ ବୁଝିବାପାଇଁ ପ୍ରାୟ ସମସ୍ତ କଲେଜରେ ଓଡିଆ ଓ ଇଂରାଜୀ ଭାଷାରେ ପଢାଯାଉଛି ଓ ଏହି ପରୀକ୍ଷା ପ୍ରଶ୍ନପତ୍ର ଉଭୟ ଓଡିଆ ଓ ଇଂରାଜୀରେ ଆସୁଥିବାରୁ ପିଲାମାନେ ନିଜର ଉତ୍ତର ଓଡିଆରେ ଲେଖିପାରିବେ। ତେବେ +୨ ବିଜ୍ଞାନ ବହି ଓଡିଆରେ ନ ଥିବାରୁ ଏଥିପାଇଁ ପିଲାମାନେ ଅସୁବିଧାର ସମ୍ମୁଖିନ ହେଉଥିବାର ଖବର ମିଳିଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ। ଏହି ପାଠ୍ୟପୁସ୍ତକ ରଚନାପାଇଁ ଏକ ଶିକ୍ଷକ ମଣ୍ଡଳୀ ତାଲିକା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି +୩ ବିଜ୍ଞାନ ଓଡିଆରେ ଶିକ୍ଷା ପ୍ରଦାନପାଇଁ ଉଚ୍ଚଶିକ୍ଷା ସଚିବ ଶ୍ରୀଯୁକ୍ତ ଶାଶ୍ୱତ ମିଶ୍ର ଏ ଦିଗରେ ପଦକ୍ଷେପ ନେବା ସହିତ ଶାସ୍ତ୍ରୀୟ ଓଡିଆଭାଷାର ମାନ ରକ୍ଷାପାଇଁ ତୁରନ୍ତ ଏହାକୁ ଶିକ୍ଷା ବା ଜ୍ଞାନର ଭାଷା କରିବାକୁ ବିଭାଗ ଖୁବଶୀଘ୍ର ପଦକ୍ଷେପ ନେବାକୁ ଯାଉଛି ବୋଲି ଆଶ୍ୱାସନା ଦେଇଥିଲେ। ବିଶେଷକରି ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଇଓଉଞ୍ଚର) ଭାରତୀୟ ଭାଷାରେ ଓଓଞ୍ଚ, ଘରଞ୍ଚ, ଓଓଞ୍ଚ ଭଳି ବିଭିନ୍ନ ବୈଷୟିକ ଶିକ୍ଷା ବା ଯାନ୍ତ୍ରିକ ବିଦ୍ୟା ପାଠ୍ୟପୁସ୍ତକ ଓଡିଆଭାଷାରେ ପ୍ରସ୍ତୁତ କରିବା ସହିତ ବୈଷୟିକ ଶିକ୍ଷା ଓଡିଆରେ ଦେବାପାଇଁ ଓଡିଶାର ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରସ୍ତୁତ ଥିବାରୁ ତଥା ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା(ଘରରଞ୍ଚ), ପ୍ରଶାସନିକ ସେବା ପରୀକ୍ଷା, କର୍ମଚାରୀ ଚୟନ ପରୀକ୍ଷା, ରେଳବାଇ ବୋର୍ଡ ପରୀକ୍ଷା ଓଡିଆରେ ଦେବାର ସୁବିଧା ଥିବାରୁ ବିଜ୍ଞାନ ବିଷୟରେ ଉଚ୍ଚତର ଶିକ୍ଷାପାଇଁ ଆବଶ୍ୟକୀୟ ପାଠ୍ୟପୁସ୍ତକ ପ୍ରସ୍ତୁତି ସହିତ ଶ୍ରେଣୀଗୃହ ଶିକ୍ଷାଦାନପାଇଁ ବ୍ୟବସ୍ଥା କରାଯିବ ଓ ଏହାଦ୍ୱାରା ଇଂରାଜୀରେ ଦୁର୍ବଳ ଥିବା ଓଡିଆ ପିଲାଙ୍କ ଅଧିକ ସଂଖ୍ୟକ ନିଯୁକ୍ତିପାଇଁ ବାଟ ଫିଟିବ ବୋଲି ଆଲୋଚନା ପ୍ରସଙ୍ଗରେ କହିଥିଲେ। ଦୀର୍ଘ ସମୟ ଧରି ଉଭୟ ସଚିବଙ୍କ ସହ ଆଲୋଚନା ସମୟରେ ଓଡିଆ ପିଲାଙ୍କ ବୈଷୟିକ ଶିକ୍ଷାରେ ସଫଳତାପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା, ଓଡିଆ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ଓ ଓଡିଆ ଭାଷା ଗବେଷଣା ବିଷୟରେ ସଂସ୍ଥା ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା।

## ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ: କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜୁନିୟର ରେଡ଼କ୍ରସ ୟୁନିଟ ପକ୍ଷରୁ ସୋମବାର ଦିନ ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ମିନା ଦିଗାଲଙ୍କ ତତ୍ୱାବଧାନରେ ଜୁନିୟର ରେଡ଼କ୍ରସର ଫାଷ୍ଟଏଡ଼ର ତଥା ପ୍ରାଥମିକ ଉପଚାରିକା ସୁନିତା ଦିଗାଲ ପ୍ରାଥମିକ ଉପଚାରର ଲକ୍ଷ୍ୟ ଓ ଆବଶ୍ୟକତା ଉପରେ ଛାତଛାତ୍ରୀ ମାନଙ୍କୁ ପଂଖାନୁପୁଙ୍ଖ ଭାବେ ବୁଝାଇଥିଲେ। ହଟାତ ଦୁର୍ଘଟଣାରୁ କିଭଳି ଭାବେ ରକ୍ଷା ପାଇବା ଏବଂ ରିକଭେରି ଆସିବ,ହାତଗୋଡ ଭଙ୍ଗା, ନାକରୁ ରକ୍ତ ବାହାରିବା,ମୂର୍ଚ୍ଛା,ମୁଣ୍ଡର ଖପୁରୀ ଚଡ଼ିକିବା, ରକ୍ତ ବନ୍ଦ କରିବା ଆଦି ର ଉପଚାର ସମ୍ବନ୍ଧରେ ଛାତଛାତ୍ରୀ ମାନଙ୍କୁ ଡେମୋଷ୍ଟ୍ରେସନ ମାଧ୍ୟମରେ ବୁଝେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟତ୍ରୀ ପ୍ରମିଳା ଦାସ, ଜୋଷ୍ଣାମୟୀ ସାହୁ , ଶିକ୍ଷକ ରାମକୃଷ୍ଣ ନନ୍ଦ ଓ ସ୍ୱାଧୀନ ମହାରଣା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ଉପଚାର ବିଷୟରେ ଉପଦେଶ ଦେଇଥିଲେ। ଶେଷରେ ଅନିତା ବେହେରା ଧନ୍ୟବାଦ ଅପର୍ଣ କରିଥଲେ।

## ରାଜଧାନୀରେ ୨୪ ଘଂଟାରେ ୨୧୮ ପଜିଟିଭ୍

ଭୁବନେଶ୍ୱର: ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୨୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୭ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୬୧ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୭୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ନୟାପଲ୍ଲୀ ରୁ ସର୍ବାଧିକ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନିଳାଦ୍ରୀବିହାରରୁ ୭ଜଣ, ଶୈଳଶ୍ରୀବିହାର ,ପଟିଆ, ଜୟଦେବବିହାର, ଚକେଇସିଆଣି, ପୋଖରିପୁଟ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି ଓ ପୋଖରୀପୁଟରୁ ୬ ଜଣ ଲେଖାଏଁ , ଏମସ୍ ନଗର, ଆଇଆରସି ଭିଲେଜ ଓ ଓଲ୍ଡଟାଉନ୍ ରୁ ୫ ଜଣ ଲେଖାଏଁ ,ମଂଚେଶ୍ୱର,ସାମନ୍ତରାପୁର, ବଡଗଡ , ଝାରପଡା,ଲକ୍ଷ୍ମୀସାଗର ଓ ସହୀଦନଗରରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୦୮୮୯ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୬୧୧୮ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୭୩୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୧୪ କୁ ବୃଦ୍ଧି ପାଇଛି।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଦୁର୍ଘଟଣାରେ ମୃତ ପରିବାରକୁ ମିଳିବ ସହାୟତା

ଫୁଲନଖରା: ରବିବାର ସଂଧ୍ୟାରେ ବାଲିକୁଦାଠାରେ ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଥିବା ମଙ୍ଗୁଳି ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ମିଳିବ। ଏ ନେଇ ଆଜି ଆଇଆଇସି ସୁଧାଂଶୁଭୂଷଣ ଜେନାଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଅତିରିକ୍ତ ଡିସିପି ପ୍ରମୋଦ ରଥ, ଏସିପି ଚନ୍ଦନ ଘଡ଼େଇ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୋପାଳପୁରଠାରୁ ବାଲିକୁଦା ସର୍ଭିସ ରୋଡ଼ ନିର୍ମାଣକାରୀ ସଂସ୍ଥା ମୃତକଙ୍କ ପରିବାରକୁ ୧ଲକ୍ଷ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସମ୍ମତ ହୋଇଥିଲା। ସେହିପରି ପ୍ରୋଜେକ୍ଟ ମ୍ୟାନେଜରଙ୍କ ପକ୍ଷରୁ ୫୦ହଜାର ଟଙ୍କା, ଜିଲା ରେଡ଼କ୍ରସରୁ ୨୦ହଜାର ଓ ତହସିଲଦାରଙ୍କ ପକ୍ଷରୁ ୩୦ହଜାର ଟଙ୍କା ପ୍ରଦାନ କରାଯିବାକୁ ଘୋଷଣା ହୋଇଥିଲା।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଫୁରେ ଉଡାଇଦେଲେ କର୍ମଚାରୀ

କେନ୍ଦ୍ରାପଡ଼ା, ୨୦।୯: କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ ଅନ୍ୟତମ ପୁରାତନ ଓଳାଭର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୯ବର୍ଷ ଧରି ପିଅନ ଭାବେ କାର୍ଯ୍ୟରତ ଶ୍ରୀନିବାସ ଓଝା ସରକାରୀ ନୀତି, ନିୟମ ତଥା ଚାକିରୀ ସର୍ତ୍ତାବଳୀକୁ ଉପେକ୍ଷା କରି ଓଳାଭର ଯୁବକ ସଙ୍ଘର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ରାଜକନିକା ବ୍ଲକ ଶିକ୍ଷା ଅଧିକାରୀ ନିଜେ ସେହି ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକ ଓ ସଂପୃକ୍ତ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ କରି ସବିଶେଷ ରିପୋର୍ଟ ସମେତ ଯୁବକ ସଙ୍ଘର ଲେଟର ପ୍ୟାଡ ମଧ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସେହି ରିପୋର୍ଟ ପ୍ରାପ୍ତ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସଂପୃକ୍ତ କର୍ମଚାରୀଙ୍କୁ ଯୁବକ ସଙ୍ଘର ସାଧାରଣ ସମ୍ପାଦକ ପଦରୁ ତୁରନ୍ତ ଇସ୍ତଫା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହିତ ସେ ସମ୍ପର୍କରେ ଅବଗତ କରାଇବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତ କର୍ମଚାରୀ ଶ୍ରୀ ଓଝାଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ପତ୍ର ପ୍ରଦାନ କରିବା ସହ ୭ଦିନ ମଧ୍ୟରେ କେଉଁ ପଦରୁ ଇସ୍ତଫା ସେ ଦେବେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ କହିଥିଲେ। କିନ୍ତୁ ନିର୍ଦ୍ଦେଶର ୭ଦିନ ପରେବି ସଂପୃକ୍ତ କର୍ମଚାରୀ ଜଣଙ୍କ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଫୁ କରିଦେଇଥିବା ଘଟଣା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ଏତଦବ୍ୟତିତ ସଂପୃକ୍ତ କର୍ମଚାରୀ ଜଣଙ୍କ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉପରେ ଚାପ ପକାଇ ସେହି ନିର୍ଦ୍ଦେଶକୁ ବଦଳାଇ ଦେବାକୁ ମସୁଧା ଚଳାଇଥିବା ସୂଚନା ମିଳିଛି। ଯଦି ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ ନିର୍ଦ୍ଦେଶର କୌଣସି ପରିବର୍ତ୍ତନ କରନ୍ତି ତେବେ ଅଭିଯୋଗକାରୀ ପୂର୍ବତନ ଛାତ୍ର ତଥା ଯୁବକ ସଙ୍ଘର ଆଜୀବନ ସଦସ୍ୟ ନଳିନୀକାନ୍ତ ପୃଷ୍ଟି ଏସମ୍ପର୍କରେ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ ଶାସନ ସଚିବଙ୍କ ନିକଟରେ ଏସମ୍ପର୍କରେ ଅଭିଯୋଗ କରିବା ସହ ଓଡିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି।

## ଓଡ଼ିଶା ବନ ସେବା ପରୀକ୍ଷାରେ ନିରାକାରପୁର ଶୁଭାଶିଷଙ୍କ କୃତିତ୍ୱ : ଶୁଭେଚ୍ଛାର ସୁଅ ଛୁଟୁଛି

ଖୋର୍ଦ୍ଧା:୨୦୧୯ ବର୍ଷ ପାଇଁ ଓଡ଼ିଶା ସାଧାରଣ ପ୍ରଶାସନ ସେବା ଦ୍ୱାରା ପରିଚାଳିତ ଓଡ଼ିଶା ବନ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୬୭ ଜଣଙ୍କର ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଶୁଭାଷିଶ କୁଳଭୂଷଣ ପାହାଡ଼ସିଂହଙ୍କ ନାମ ରହିଛି। ସେ ୩୮ ନମ୍ବର ର୍ୟାଙ୍କରେ ଥିବା ଜଣାପଡ଼ିଛି। ମୋଟ ୧୨,୯୦୪ ଆଦେନକାରୀଙ୍କ ମଧ୍ୟରୁ ୨୭୧୭ ଜଣ ଲିଖିତ ପରୀକ୍ଷା ଦେଇଥିଲେ। ସେଥଇରୁ ୬୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟ ଜଙ୍ଗଲ ,ପରିବେଶ ଓ ପାଣିପାଗ ବିଭାଗର ଏସିଏଫ ଓ (ଗ୍ରୁପ -ଏ (ଜେବି) ଓ ଫରେଷ୍ଟ ରେଞ୍ଜର ଗ୍ରୁପ -ବି ପଦବୀରେ ଉକ୍ତ ୬୭ ଜଣ ଯୋଗଦେବାକୁ ଥିବାବେଳେ ଶୁଭାଶିଷ ଏହି ସେବା କରିବାର ସୁଯୋଗ ପାଇବେ। ସେ ବର୍ତ୍ତମାନ ପଞ୍ଜାବର କପୁରଥାଲା ପଞ୍ଜାବ ନ୍ୟାସିନାଲ ବ୍ୟାଙ୍କରେ ଉପ ପ୍ରବନ୍ଧକ ଭାବେ କାର୍ଯ୍ୟରତ ରହିଛନ୍ତି। ତାଙ୍କ ଘର ନିରାକାରପୁର ରାଉଳହଜ । ସେ ରବୀନ୍ଦ୍ରନାଥ ପାହାଡ଼ସିଂହ ଓ ରୀତାମଞ୍ଜରୀ ପାହାଡ଼ସିଂହଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ଭୁବନେଶ୍ୱର ଓୟୁଏଟିର ବନ ମହାବିଦ୍ୟାଳୟରୁ ୨୦୧୮ ମସିହାରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କ ଏହି ସଫଳତାରେ ନିରାକାରପୁର ଅଞ୍ଚଳରେ ଖୁସିର ମାହଲ ଦେଖିବାକୁ ମିଳିଛି।

## ପଞ୍ଚାୟତସ୍ତରୀୟ ମହିଳା ସଂଘ ଗଠିତ



ଫୁଲନଖରା:ବାରଙ୍ଗ ବ୍ଲକ ୩୩ନମ୍ବର ଜିଲାପରିଷଦ ଜୋନ ଅନ୍ତର୍ଗତ ନଗରୀ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଗଠନ ହୋଇଛି। ଏ ନେଇ ଏକ କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୪୨ ଜଣ ମହିଳା ଯୋଗଦେଇଥିଲେ। ବ୍ଲକ ବିଏଲସି ଅଧିକାରୀ ସ୍ୱର୍ଣ୍ଣମୟୀ ଖଟୁଆଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଆଞ୍ଚଳିକ ମଞ୍ଚ କର୍ମକର୍ତ୍ତାଙ୍କ ସହମତିରେ କାଦମ୍ବିନୀ ଦାଶ ସଂଘ ସଭାନେତ୍ରୀଭାବେ ମନୋନୀତ ହୋଇଥିଲାବେଳେ ଦେବସ୍ମିତା ଦାସ ଉପ ସଭାନେତ୍ରୀ, ସୁକ୍ତା ମହାପାତ୍ର ସମ୍ପାଦିକା, ବନିତା ମହାପାତ୍ର ଯୁଗ୍ମ ସମ୍ପାଦିକା ଓ ରଶ୍ମିପ୍ରିୟା ରଥ କୋଷାଧ୍ୟକ୍ଷାଭାବେ ରହିଛନ୍ତି। ପଞ୍ଚାୟତସ୍ତରୀୟ ନୂତନ ମିଶନ ଶକ୍ତି ସଂଘ ଗଠିତ ହେଲାପରେ କର୍ମକର୍ତ୍ତା ଓ ସଦସ୍ୟାମାନେ ବାରଙ୍ଗ ବିଡ଼ିଓ ପ୍ରଭାକର ପଣ୍ଡାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ନୂତନ ସଂଘ ସମ୍ପର୍କରେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ସର୍ବସମ୍ମତ ଭାବେ ମନୋନୀତ ହୋଇଥିବା ସଭାନେତ୍ରୀ ଶ୍ରୀମତୀ ଦାଶ ପୂର୍ବରୁ ବିଭିନ୍ନ ସମବାୟ ସମିତିର କାର୍ଯ୍ୟକର୍ତ୍ତାରୂପେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଗଠିତ ନୂତନ ସଂଘ ପଞ୍ଚାୟତରେ ଥିବା ମହିଳାଙ୍କ ସମସ୍ୟା ଦୂରୀକରଣ ଦିଗରେ ବିଶେଷ ସହାୟକ ହେବବୋଲି ଆଶା କରାଯାଉଛି।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ଭେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

### ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୧୩୫ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୩୫ ହୋଇ ଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜଗତସିଂହପୁର ଓ ଖୋର୍ଧା ଜିଲ୍ଲାରୁ ୨ ଜଣ ଲେଖାଏ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୨୦ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ






# ଆରସେଲରନିପ୍ପନ ମିତ୍ତଲ କମ୍ପାନୀଦ୍ୱାରା ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ




ବଡ଼ବିଲ : ସମ୍ପ୍ରତି ଡେଙ୍ଗୁର ପାଦୁର୍ଭାବ ଆମର ରାଜଧାନୀ ଭୁବନେଶ୍ୱରରେ ତାର କାୟା ବିସ୍ତାର କରିଥିବା ବେଳେ ଏହା ରାଜ୍ୟର ଅନ୍ୟପ୍ରାନ୍ତରେ ବିସ୍ତାର କରିବାର ସମ୍ଭାବନା ଦେଖାଦେଇଛି। ଡେଙ୍ଗୁର ଭୟ ଭୟତା ଖଣି ମଣ୍ଡଳ ବଡ଼ବିଲ ଯୋଡ଼ା ଅଂଚଳରେ ୨୦୧୨ ରେ ଏକ ଭୟାନକ ପ୍ରସ୍ତୁତି ସୃଷ୍ଟି କରିଥିଲା। ବର୍ଷା ଦିନରେ ଏହାର କାୟା ବିସ୍ତାର ହେବାର ଯଥେଷ୍ଟସମ୍ଭାବନା ଥାଏ। ଖାସ କରି ଖଣି ଅଧୁସୂତ ଅଂଚଳମାନଙ୍କରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଅଂଚଳର ଅନ୍ତେବାସୀମାନେ ନିଜେ ସଚେତନ ହୋଇ ନିଜର ପାର୍ଶ୍ୱବର୍ତ୍ତିଅଂଚଳକୁ ପରିଷ୍କାର ରଖିବାର ଅନେକ ଆବଶ୍ୟକତା ହୋଇଥାଏ। ମାତ୍ର ସାଧାରଣ ଲୋକମାନେ ଏହାର ଅବଶ୍ୟକତାକୁ ଶୀଘ୍ରଉପଲବ୍ଧି କରି ପାରନ୍ତି ନାହିଁ। ସେସବୁକୁ ଆଖିଆଗରେ ରଖିକିଛି କର୍ପୋରେଟ ଜଗତ ଆଜି ଆଗକୁ ବଢ଼ୁଥିବା ଦେଖାଦେଇଛି। ଆରସିଲରନିପ୍ପନ ମିତ୍ତଲ କମ୍ପାନୀ ନିକଟରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ବଡ଼ବିଲରେ ଉଦ୍ୟମ ଆରମ୍ଭ କରିଏବେ କୋଇଡାବ୍ଲକରେ ଏହି କାର୍ଯ୍ୟକ୍ରମକୁ ଆଗେଇନେବାକୁ ପ୍ରୟାସ କରିଛି। କମ୍ପାନୀ ତରଫରୁ ଏକ ସଚେତନତା ରଥ ପ୍ରସ୍ତୁତ କରି ବ୍ଲକର ପ୍ରତ୍ୟେକ ଗାଁରେ ଲୋକମାନଙ୍କୁ ଡେଙ୍ଗୁର ଭୟ ଭୟତା ଓ ନିରାକରଣ ପାଇଁ ଉଦ୍ୟମ କରିଛି।ଏହି ଅବସରରେ କମ୍ପାନୀର ସଚେତନତା ରଥକୁ କୋଇଡାବ୍ଲକ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଜ ଔପଚାରିକ ଭାବରେ ପତାକା ଦେଇ ଶୁଭାରମ୍ଭ କରିଥିଲେ। ଏହା ଡେଙ୍ଗୁ ପ୍ରତି ଲୋକମାନଙ୍କ ମନରେ ନିଶ୍ଚିତ ଭାବରେ ପ୍ରଭାବ ପକାଇବ ବୋଲି ସେ ଆଶାବାଦୀ ବୋଲି କହିଛନ୍ତି। ଉକ୍ତଉଦଘାଟନ ଉତ୍ସବରେ ଅରେସଲର କମ୍ପାନୀର ଦୁଇ ଜଣ ଅଧିକାରୀ ବିକାଶ ଜାଦେବିନ୍ଦୁ ଓ ଜିତେଶ ରଥ ଉପସ୍ଥିତଥିଲେ।

## କରୋନାରୁ ସୁସ୍ଥ ହେଲେ ୭୪୬ ଆକ୍ରାନ୍ତ

ଭୁବନେଶ୍ୱର: ରାଜ୍ୟରେ ଆଜି କରୋନା ଭାଇରସ ମହାମାରୀରୁ ୭୪୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୭୦୬୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୯୬ ଜଣ ଓ କଟକ ଜିଲ୍ଲାରୁ ଆଜି ୧୧୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରେ ୪୧, ଯାଜପୁରରୁ ୨୬, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ରୁ ୨୪-୨୪, ମୟୂରଭଂଜରୁ ୨୦, ନୟାଗଡ଼ରୁ ୧୯, ଜଗତସିଂହପୁରରୁ ୧୭, ଭଦ୍ରକ ଓ ପୁରୀରୁ ୧୫-୧୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ପରିତ୍ୟକ୍ତ ଯାତ୍ରୀ ବିଶ୍ରାମାଗାର ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ




ଖଣ୍ଡପଡ଼ା: ଖଣ୍ଡପଡା ସହରର ତ୍ରିନାଥ ଛକ ଓ ୮ନଂ ୱାର୍ଡ ଅଧିନ କୁମ୍ଭାର ସାହିଠାରେ ଅବସ୍ଥିତ ଯାତ୍ରୀ ବିଶ୍ରାମାଗାର ୨ଟି ଦୀର୍ଘ ବର୍ଷ ଧରି ଅବହେଳିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଏହାର ରକ୍ଷଣା ବେକ୍ଷଣ ଦିଗରେ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନଥିବାରୁ ପରିସ୍ଥିତି ଏପରି ହୋଇଥିବା ଜଣାପଡିଛି। ସମୟ ଥିଲା ଯାତ୍ରୀମାନେ ଘଂଟା ଘଂଟା ଧରି ବିଶ୍ରାମାଗାର ପରିସରରେ ଯାତ୍ରୀବାହୀ ବସଗୁଡିକୁ ଅପେକ୍ଷା କରୁଥିଲେ। ଏପରିକି ଯାତ୍ରୀବାହୀ ବସରୁ ଓହ୍ଲାଉଥିବା ଯାତ୍ରୀମାନେ ମଧ୍ୟ ବିଶ୍ରାମାଗାର ପରିସରରେ କିଛି ସମୟ ପାଇଁ ବିଶ୍ରାମ ନେଇ ଘରକୁ ଫେରୁଥିଲେ। ଏବେ ସମୟ ବଦଳି ଯାଇଛି। ଯାତ୍ରୀବିଶ୍ରାମାଗାର ଗୁଡିକ ବୁଲା ଗାଈଗୋରୁ, କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସମୟେ ସମୟେ ବୁଲା ବିକାଳିମାନେ ଅନାବନା ସାମଗ୍ରୀ ଗୁଡିକୁ ଯାତ୍ରୀ ବିଶ୍ରାମାଗାର ପରିସରରେ ରଖି ଏହାକୁ ଡଷ୍ଟବିନ ରୁପେ ବ୍ୟବହାର କରୁଛନ୍ତି। ଯାତ୍ରୀ ବିଶ୍ରାମାଗାର ଗୁଡିକର ଉନ୍ନତୀ କରଣ ଦିଗରେ ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଚଢ଼ାଉ ବେଳେ ହଟହଟା ହେଲେ ବିଏମସି ଅଧିକାରୀ

ଭୁବନେଶ୍ୱର: କରୋନା କଟକଣାକୁ ଉଲ୍ଲଂଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାଥିବା ପଟିଆ ଅଂଚଳର ୨ ଟି ବାର୍ କୁ ସିଲ୍ କରିଛି ବିଏମସି। ଅପରପକ୍ଷରେ ବାର ଉପରେ ଚଢ଼ାଉ ବେଳେ ବାଧା ଦେବା ଘଟଣାରେ ୫ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ। ଚନ୍ଦ୍ରଶେଖରପୁର ଥାନା ଅଂଚଳରେ ଥିବା ବିବିଆଇ ବାରର ଚଢ଼ାଉ କରିବାକୁ ଯାଇଥିବା ବେଳେ ବିଏମସି ଅଧିକାରୀଙ୍କୁ ଲିଫ୍ଟ ବନ୍ଦ କରିଦେଇଥିଲେ ବାର୍ କର୍ମଚାରୀ। ଏହି ମାମଲାରେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ପରେ ପୋଲିସ୍ ୫ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ମ୍ୟାନେଜର ଥିବାର ସୂଚନା ମିଳିଛି। ରାଜ୍ୟ ସରକାର ରାତି ୧୦ଟାରୁ ନାଇଟ୍ କର୍ଫ୍ୟୁ ଘୋଷଣା କରିଥିବା ବେଳେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ସମ୍ପୃକ୍ତ ବାର ଖୋଲାଥିଲା। ଭିତରେ ବହୁ ସଂଖ୍ୟାରେ ଲୋକ ଥିଲେ। ନଚ ଗୀତ ସାଙ୍ଗକୁ ମଦର ଆସର ଜମିଥିଲା। ଖବର ପାଇ ଅତର୍କିତ ଚଢ଼ାଉ କରିଥିଲେ ବିଏମସି ସ୍କ୍ୱାର୍ଡ ଓ କମିଶନରେଟ ପୁଲିସ ଅଧିକାରୀ। ମାତ୍ର ବିଏମସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ଓ ଅନ୍ୟ ଜଣେ ଅଫିସର ଲିଫ୍ଟରେ ଥିବା ବେଳେ ଜାଣିଶୁଣି ଲାଇନ କାଟିଦିଆଯାଇଥିଲା। ପ୍ରାୟ ୪୦ ମିନିଟ ଧରି ଲିଫ୍ଟରେ ଜେଡିସି ଅଂଶୁମାନ ଫସି ରହିଥିଲେ।

## ଲଗାଣ ବର୍ଷା ଓ ବନ୍ୟା ଦ୍ୱାରା କ୍ଷୟକ୍ଷତି, କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ଖଣ୍ଡପଡ଼ା: ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟା ପାଣି ଦ୍ୱାରା ଖଣ୍ଡପଡା ବ୍ଲକ ଅଂଚଳର ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ହେକ୍ଟରହେକ୍ଟର ଧାନ ଓ ପନିପରିବା ଚାଷ ଜମି ଗୁଡିକରେ ଫସଲ ନଷ୍ଟ ହୋଇଛି। ହଜାର ହଜାର ଚାଷୀ ଧାରଉଧାର କରି ଫସଲପାତି କରିଥିବା ବେଳେ ଏବେ ଦୈବ ଦୁର୍ବିପାକ ଦାଉ ସାଧିଛି। ମହାନଦୀ ଓ ଶାଖା ନଦୀ କୁସୁମୀ, କୁଆରିଆଁ, ଲୁଣିଝରା, ଆମ୍ବନାଳ ଓ ଡାହୁକା ପ୍ରଭୃତିର ବନ୍ୟା ଜଳ କୂଳ ଲଂଘି ନଦୀ ତଟବର୍ତ୍ତୀ ବ୍ୟାପକ ଅଂଚଳ ଗୁଡିକୁ ମାଡି ଯାଇଥିଲା। ଏବେ ବି ଖାଲୁଆ ଅଂଚଳ ଗୁଡିକ ପାଣିରେ ବୁଡି ରହିଛି। ତେବେ ବନ୍ୟା ଓ ଲଗାଣ ବର୍ଷାଜନିତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ନୟାଗଡ କୃଷି ଜିଲ୍ଲା ଅଧିକାରୀ ଜାନକୀ ବଲ୍ଲଭ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଖଣ୍ଡପଡା ବ୍ଲକ କୃଷି ଅଧିକାରୀ ଭବାନୀଶଙ୍କର ମିଶ୍ର, ସହକାରୀ କୃଷି ଅଧିକାରୀଣି ଚନ୍ଦନବାଳା ରାଉତ ଓ ରଶ୍ମିତା ସ୍ୱାଇଁ ପ୍ରମୁଖ ଗତ ୨ ଦିନଧରି ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ପଂଚାୟତକୁ ଗସ୍ତ କରି କ୍ଷୟକ୍ଷତିର ଆକଳନ କରିବା ସହ ଏ ସଂପର୍କୀତ ରିପୋର୍ଟ ନୟାଗଡ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି। ତେବେ ଯୁଦ୍ଧକାଳୀନ ଭିତିରେ କ୍ଷତିଗ୍ରସ୍ତଚାଷୀଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।




# ପ୍ରବାସୀ ଓଡ଼ିଆଙ୍କ ତରଫରୁ ମନୋରମା ମହାପାତ୍ରଙ୍କୁ ଉସ୍ବସିତ ଶ୍ରଦ୍ଧାଞ୍ଜଳି

## ବିଶ୍ୱ ଓଡ଼ିଶା ସମାଜଦ୍ୱାରା ମଧରାତ୍ର ଆଭାସି ଶୋକସଭା

ନର୍ଥ କାରୋଲିନା / ଟରୋଣ୍ଟୋ / ଲଣ୍ଡନ / ଦୁବାଇ / ସିଙ୍ଗାପୁର / ନୂଆଦିଲ୍ଲୀ / ଭୁବନେଶ୍ୱର / କଟକ : ପ୍ରବାସୀ ଓଡ଼ିଆଙ୍କ ତରଫରୁ ସ୍ୱର୍ଗତ ଡଃ ମନୋରମା ମହାପାତ୍ରଙ୍କୁ ଉସ୍ବସିତ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବିଶ୍ୱ ଓଡ଼ିଶା ସମାଜ ତରଫରୁ ଡଃ ମହାପାତ୍ରଙ୍କର ବିୟୋଗର ମାତ୍ର କିଛି ଘଣ୍ଟା ପରେ ଶନିବାର ମଧ ରାତ୍ରରେ ଆୟୋଜିତ ଏକ ଆଭାସି ଶୋକସଭାରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ତାଙ୍କର ମହାନ ଓ ମହନୀୟ ଜୀବନ ଦର୍ଶନର ସ୍ମୃତି ଚାରଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବରେଣ୍ୟ ଅତିଥିମାନେ ତାଙ୍କୁ ଜଣେ ଉଚ୍ଚକୋଟୀର ସାହିତ୍ୟିକା, ଆଗଧାଡ଼ିର ଲେଖିକା, ସୃଜନଶୀଳ ଶିକ୍ଷାବିତ୍, ଯୁଗଜୟୀ ସମ୍ପାଦିକା, ପ୍ରଜ୍ଞାଦୀପ୍ତ ପ୍ରାଧ୍ୟାପିକା, ବାଗ୍ମୀ ବକ୍ତା, ସମର୍ପିତ ସମାଜସେବୀ ଏବଂ ସର୍ବୋପରି ବାତ୍ସଲ୍ୟ ମମତାମୟୀ ମାତା ଭାବରେ ବର୍ଣ୍ଣନା କରିଥିଲେ। ଏହି ପ୍ରାର୍ଥନା ଅଧିବେଶନରେ ଶତାଧୀକ ପ୍ରବାସୀ ଓଡ଼ିଆ ନେତୃବର୍ଗ, ବିଭିନ୍ନ ରାଷ୍ଟ୍ରର ଓଡ଼ିଆ ସମାଜର କର୍ମକର୍ତ୍ତା ଏବଂ ଡଃ ମହାପାତ୍ରଙ୍କର ପରିବାର ସଦସ୍ୟ ତଥା ଶୁଭେଚ୍ଛୁମାନେ ଯୋଗଦେଇଥିବାବେଳେ ସୋସିଆଲ ନେଟ୍‌ୱାର୍କିଂ ପୋର୍ଟାଲ ଓ ଚ୍ୟାନେଲଗୁଡ଼ିକ ଜରିଆରେ ସହସ୍ରାଧିକ ଦର୍ଶକ ଏହାକୁ ଦେଖିବାର ସୁଯୋଗ ପାଇଥିଲେ। ୱେବିନାରରେ ପୌରହିତ୍ୟ କରି ବିଶ୍ୱ ଓଡ଼ିଶା ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ ଡଃ ମହାପାତ୍ରଙ୍କ ସହିତ ତାଙ୍କର ଦୀର୍ଘ ଦିନର ସମ୍ପର୍କକୁ ଉଲ୍ଲେଖ କରି ସେ ଜଣେ ଅଜସ୍ର ପ୍ରତିଭାବାନ, ପାରଦର୍ଶିତାରେ ଭରପୂର ତଥା ବୌଦ୍ଧିକ ବିଚାରବନ୍ତ ବିଜ୍ଞ ବ୍ୟକ୍ତିତ୍ୱ ଥିଲେ ବୋଲି ସୂଚାଇଥିଲେ।ସଭାକୁ ସମ୍ବୋଧନ କରି ସୁନାମଧନ୍ୟ ସାହିତ୍ୟିକ ଡଃ ହରପ୍ରସାଦ ଦାସ, ଡଃ ମନୋରମା ମହାପାତ୍ର ଓଡ଼ିଆ ଜାତି ଓ ଅସ୍ତିତ୍ୱର ପରିଚୟ ଥିଲେ ବୋଲି କହିଥିଲେ। ତାଙ୍କର ବିଶାଳ ବିକ୍ତିତ୍ୱର ପଟାନ୍ତର ନାହିଁ ବୋଲି ଡଃ ଦାସ ଦର୍ଶାଇଥିଲେ। ଦିବଂଗତ ଆତ୍ମାକୁ ଶ୍ରଦ୍ଧାସୁମନ ଅର୍ପଣ କରି ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ କୁମାର ରାଉତ ୧୯୯୧ ରୁ ୯୩ ମସିହା ମଧ୍ୟରେ ଡଃ ମହପାତ୍ର ଏକାଡେମୀର ସଭାପତି ଥିବାବେଳେ ସାହିତ୍ୟ କ୍ଷେତ୍ରକୁ ଋଦ୍ଧିମନ୍ତ କରିବାରେ ତାଙ୍କର ଅନବଦ୍ୟ ଅବଦାନକୁ ସ୍ମରଣ କରାଇଥିଲେ। ତାଙ୍କର ବିୟୋଗ ଫଳରେ ଓଡ଼ିଆ ସାହିତ୍ୟ ଜଗତରେ ଯେଉଁ ଅପୂରଣୀୟ କ୍ଷତି ଘଟିଲା ତାକୁ ଭାଷାରେ ବର୍ଣ୍ଣନା କରିବା କଷ୍ଟକର ବୋଲି ଶ୍ରୀ ରାଉତ କହିଥିଲେ। ଆମେରିକାର ରୋଡ୍‌ସ ଆଇଲ୍ୟାଣ୍ଡରୁ ଅକ୍ଷୟ ମହାନ୍ତି, ସ୍ୱର୍ଗତ ମହାପାତ୍ର ନାରୀ ଜାତି ପାଇଁ ଆଦର୍ଶର ଉତ୍ସ ଥିଲେ ବୋଲି ଉଲ୍ଲେଖ କରିଥିଲେ। ୟୁ.ଏ.ଇ ଓଡ଼ିଶା ସମାଜର ସଭାପତି ଅମୀୟ ମିଶ୍ର, ତାଙ୍କର ଶିକ୍ଷା ପ୍ରଦାନ ଶୈଳୀ କୁଶଳି ଥିଲା ବୋଲି ବର୍ଣ୍ଣନା କରିଥିଲେ। ବ୍ରିଟେନରୁ ଜୟଶ୍ରୀ ନନ୍ଦ, ଡଃ ମହାପାତ୍ର ଏକାଧାରାରେ ଜଣେ ସୁସାହିତ୍ୟିକା, ସୁସମ୍ପାଦିକା, ସୁପ୍ରାଧ୍ୟାପିକା, ସୁବକ୍ତା, ସୁଆତ୍ମା, ସୁପୁତ୍ରୀ ଓ ସୁମାତା ଥିବା ଦର୍ଶାଇ ତାଙ୍କ ପ୍ରତି ଭବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଲକାତାର ପ୍ରତିବେଶୀ ପତ୍ରିକାର ସମ୍ପାଦକ ପୀତାମ୍ବର ବାରିକ, ଡଃ ମହପାତ୍ରଙ୍କର ପରଲୋକକୁ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଦାରୁଣ ଦୁଃସମ୍ବାଦର ଆଖ୍ୟା ଦେଇଥିଲେ। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତି ଦେବୀ, ଡଃ ମହାପାତ୍ରଙ୍କର ଓଜସ୍ୱିନୀ ଭାଷଣ କେବଳ ସଭାକୁ ଅଳଂକୃତ କରୁଥିଲା, ତା ନୁହଁ ଏହା ଶ୍ରୋତାମାନଙ୍କୁ ମଧ ବେଶ୍ ଚମତ୍କୃତ କରୁଥିଲା ବୋଲି କହିଥିଲେ। ଆମେରିକାରୁ ଧୀରେନ୍ଦ୍ର କର, ଜଣେ ଲେଖକ, ସାହିତ୍ୟିକ, ସମାଜସେବୀ, ପ୍ରେରଣାଦାୟିକା ଓ ମା' ଭାବରେ ସ୍ୱର୍ଗତ ମହାପାତ୍ର ସମାଜର ଶିର୍ଷ ସୋପାନକୁ ଅଳଂକୃତ କରିଥିଲେ ଓ ପ୍ରତ୍ୟେକ ଓଡ଼ିଆଙ୍କର ହୃଦୟରେ ଗଭୀର ରେଖାପାତ କରିଥିଲେ ବୋଲି ଦର୍ଶାଇଥିଲେ। ତାଙ୍କର ପ୍ରେରଣା ଓ ପ୍ରୋତ୍ସାହନ ପ୍ରଦାନ ଶକ୍ତି ଖୁବ୍ ପ୍ରଖର ଥିଲା ବୋଲି ଜୀତେନ୍ଦ୍ର କୁମାର ମହାନ୍ତି ସୂଚାଇଥିଲେ। ଡଃ ମହାପାତ୍ରଙ୍କର ଆବର୍ତ୍ତମାନରେ ସୃଜନଶୀଳ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଭୁବନେଶ୍ୱର ରୋଟାରୀ କ୍ଲବ ଇକୋର ସଭାପତି ରାମକୃଷ୍ଣ ଦାଶ ପ୍ରକାଶ କରିଥିଲେ। ଡଃ ମହାପାତ୍ରଙ୍କର ଛାତ୍ର ଲଳିତ କୁମାର ପ୍ରଧାନ, ତାଙ୍କୁ ଜଣେ ମାତୃବତ୍ ଶିକ୍ଷକ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଶା ସମାଜ ୟୁ.କେର ସାଧାରଣ ସମ୍ପାଦକ ଶିବରଞ୍ଜନ ବିଶ୍ୱାଳ, ଡଃ ମହାପାତ୍ରଙ୍କର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଦକ୍ଷିଣ କୋରିଆରୁ ଡଃ ସୀତାଂଶୁ ଶେଖର ନନ୍ଦ, ପ୍ରଥମ ଦେଖାରେ ସ୍ୱର୍ଗତ ମହପାତ୍ରଙ୍କର ଜ୍ଞାନ, ଗୁଣ ଓ ଗରିମାଦ୍ୱାରା ସେ ଖୁବ୍ ପ୍ରଭାବିତ ହୋଇଥିବା ଦର୍ଶାଇଥିଲେ। ସେ ଓଡ଼ିଶାର କିମ୍ବଦନ୍ତୀ ନାରୀ ଥିଲେ ବୋଲି ପ୍ରତାପ ରାଉତ କହିଥିଲେ। ତାଙ୍କ ନିକଟରେ ମନ ଓ ହୃଦୟକୁ ଜିଣିବାର ଶକ୍ତି ନିଆରା ଥିଲା ବୋଲି ଧୀରଜ ଚଢ଼ା କହିଥିଲେ। ଡଃ ମହପାତ୍ର ଜଣେ ମହାନ ମହିୟସୀ ମହିଳା ଥିଲେ ବୋଲି ଲିପ୍‌ସା ପଟ୍ଟନାୟକ ମହାନ୍ତି ସୂଚାଇଥିଲେ। ସିଙ୍ଗାପୁରରୁ ବନୋଜିନୀ ନାୟକ, ସେ ଓଡ଼ିଶା ମାଟିର ଗର୍ବ ଓ ଗୌରବ ଥିଲେ ବୋଲି ଉଲ୍ଲେଖ କରିଥିଲେ। ଆଦିକବି ସାରଳା ଦାସ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ଅଶୋକ କୁମାର ନାୟକ, ସେ ଜଣେ ସୁନାମଧନ୍ୟ ସାମ୍ବାଦିକା, ଅଧ୍ୟାପିକା, ସମାଜସେବୀ ତଥା ସୁଲେଖିକା ଥିଲେ ବୋଲି ଦର୍ଶାଇଥିଲେ। ଆମେରିକାରୁ ସୂର୍ଯ୍ୟ ଏବଂ ଟିକି ମିଶ୍ର, ଡଃ ମହାପାତ୍ର ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ନାରୀ ଜାତିର ବିକାଶ ଓ ସଶକ୍ତୀକରଣର ଜ୍ୱଳନ୍ତ ଦୃଷ୍ଟାନ୍ତ ଓ ଆଦର୍ଶର ଉତ୍ସ ଥିଲେ ବୋଲି ଉଲ୍ଲେଖ କରିଥିଲେ। ଆମେରିକାରୁ ନଳିନୀ ପଟ୍ଟନାୟକ, ତାଙ୍କର ମାନବିକ ଗୁଣ ଓ ସେବା ମନୋବୃତ୍ତି ଉପରେ ଆଲୋକପାତ କରିଥିଲେ। ସମାଜ ପ୍ରତିନିଧି ସଂଘର ସଭାପତି ମହେଶ୍ୱର ବଳ, ଲୋକସେବକ ଯୁବମଣ୍ଡଳର ପ୍ରତିଷ୍ଠା ଏବଂ ଏହାର ପରିଚାଳନା ନେଇ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ସ୍ୱର୍ଗତ ମହାପାତ୍ରଙ୍କର ସାହିତ୍ୟ, ଶବ୍ଦ ଓ ସ୍ୱର ସବୁ ମହତ୍ ଥିଲା ବୋଲି କାନାଡ଼ାରୁ ପ୍ରଶାନ୍ତ ଭୂୟାଁ ଦର୍ଶାଇଥିଲେ। ସୁପ୍ରସିଦ୍ଧ ସଂଗୀତଜ୍ଞ କୈଳାସ ବୈଷ୍ଣବ ଏବଂ ଉଦୀୟମାନ କଣ୍ଠଶିଳ୍ପୀ ପୁଷ୍ପାଞ୍ଜଳି ବାରିକ ତଥା ସନ୍ତୋଷ ରାଉତ ସଂଗୀତ ଜରିଆରେ ସେମାନଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକପ୍ରକାଶ କରିଥିବା ଅନ୍ୟାନ୍ୟ ଅଭ୍ୟାଗତମାନଙ୍କ ମଧ୍ୟରେ ଚନ୍ଦ୍ରା ମିଶ୍ର, ହର ଓ ସୁମିତ୍ରା ପାଢ଼ୀ, ଡଃ ରବୀନ୍ଦ୍ର ନାରାୟଣ ବେହେରା ଓ ସତ୍ୟବ୍ରତ ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବିରଞ୍ଚି ନାରାୟଣ ଶତପଥୀ, କୃପାନିଧି ବିଶ୍ୱାଳ, ବଲ୍‌ହନ ସାଗର, ମୋହିତ ମିଶ୍ର, ସୁଧାଶ୍ରୀ ଦାଶ, ସୁବାସ ସାହୁ, ପୀତବାସ ରାଉତରାୟ, ଡଃ ସାଗର ରଞ୍ଜନ ତ୍ରିପାଠୀ, ଜୟନ୍ତ ଗନ୍ତାୟତ, ସଞ୍ଜୟ ଦଳାଇ, ପ୍ରୀତିଶ ରଞ୍ଜନ ଦାଶ, ରୀତା ଶତପଥୀ ଏବଂ ଶ୍ରୀମନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray